# କଟକ ସିଟି



## ବଜ୍ରପାତରେ ତିନି ଆହତ

କଟକ, ୧୯।୬(ସମିସ): ବଜ୍ରପାତ ଘଟିବାରୁ ଜଣେ ମହିଳାଙ୍କ ସମେତ ତିନିଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁଇଜଣ ଚିକିତ୍ସା ପରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇଥିବାବେଳେ ମହିଳା ଜଣକର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତାଙ୍କ ନାମ ସୌଦାମିନୀ ଦାସ(୪୬) ଏବଂ ଘର ସିଆରଆରଆଇ ଥାନା ଅନ୍ତର୍ଗତ ଗତିରାଉତ ପାଟଣାରେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ୪୨ମୌଜା ବଣ୍ଟୁଣିଆ ଗ୍ରାମର ରମେଶ ମଲ୍ଲିକଙ୍କ ନାତୁଣୀ ମାନସିକ ମୁଣ୍ଡନ ସ୍ଥାନୀୟ ଏକ ମଠରେ ଅନୁଷ୍ଠିତ ହୋଇଥିଲା। ସୌଦାମିନୀ ସମ୍ପର୍କରେ ରମେଶଙ୍କ ଦେଢ଼ଶାଶୁ ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିଲେ। ତେବେ ହଠାତ୍ ଜୋରରେ ବର୍ଷାପବନ ମାଡି ଆସିବା ସହିତ ବଜ୍ରପାତ ହୋଇଥିଲା। ଏତିକି ବେଳେ ମଠ ଭିତରେ ମଧ୍ୟ ବଜ୍ରପାତ ଘଟିଥିଲା। ଫଳରେ ସୌଦାମିନୀଙ୍କ ସହିତ ତାଙ୍କ ପାଖରେ ଛିଡା ହୋଇଥିବା ଅନ୍ୟ ଦୁଇଜଣ ଆହତ ହୋଇଥିଲେ। ଏହାପରେ ତିନିଜଣଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ଇମର୍ତ୍ତୀ ଦେବୀ କଲେଜରେ ସଚେତନତା




କଟକ, ୧୯।୬(ସମିସ): କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ 'ସିକ୍ଲସେଲ (ରକ୍ତ ଶିକୁଳି) ରୋଗ' ସଚେତନତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଡ଼ ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ ରବି ରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ରକ୍ତଶିକୁଳି (ସିକ୍ଲସେଲ) ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ। ଭାରତ ସ୍କାଉଟ ଏବଂ ଗାଇଡର ରେଞ୍ଜର ଲିଡ଼ର ଡ଼ ପ୍ରମୋଦିନୀ ସାହୁ, ଯୁବ ରେଡ଼କ୍ରସର କାଉନସିଲର ସୁମିତା ଆଚାର୍ଯ୍ୟ ଓ ଏନ୍ଏସ୍ଏସ୍ର ପ୍ରୋଗ୍ରାମ ଅଫିସର ଡ଼ ଛନ୍ଦା ପଲାଇଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ଡ଼କ୍ଟର ଛନ୍ଦା ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ସିବି ମେଡିକାଲ ଡେଷ୍ଟିଚ୍ୟୁଟ୍ ୱାର୍ଡରେ ଏ.ସି ବ୍ୟବସ୍ଥା

କଟକ, ୧୯।୬(ସମିସ): ଅସହାୟ କିମ୍ବା ଅପରିଚିତ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଏସ୍‌ସିବି ମେଡିକାଲର ଡେଷ୍ଟିଚ୍ୟୁଟ୍ ୱାର୍ଡରେ ଶୀତତାପ ନିୟନ୍ତ୍ରଣ(ଏ.ସି) ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାମାଜିକ ସଙ୍ଗଠନ କର୍ତ୍ତବ୍ୟ ଫାଉଣ୍ଡେସନର ସହଯୋଗରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ପ୍ରଥମ ଥର ନିମନ୍ତେ ଏଭଳି ପଦକ୍ଷେପ ନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ମେଡିସିନ ଡେଷ୍ଟିଚ୍ୟୁଟ ୱାର୍ଡରେ ୫ଟି ଏ.ସି ଲଗାଯାଇଛି। ଖୁବଶୀଘ୍ର ସର୍ଜରୀ ଡେଷ୍ଟିଚ୍ୟୁଟ ୱାର୍ଡରେ ୨ଟି ଏବଂ ଅର୍ଥୋପେଡ଼ିକ ଡେଷ୍ଟିଚ୍ୟୁଟ ୱାର୍ଡରେ ୩ଟି ଏ.ସି ଲଗାଯିବ ବୋଲି ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ ସୂଚନା ଦେଇଛନ୍ତି। କର୍ତ୍ତବ୍ୟ ଫାଉଣ୍ଡେସନର ଲଳିତେନ୍ଦୁ ଜେନା, ନିହାର ସାହୁ ଏଭଳି ସହଯୋଗର ହାତ ବଢ଼ାଇଛନ୍ତି। ପ୍ରକାଶ ଯୋଗ୍ୟ, ଏବେ ମେଡିସିନ ଡେଷ୍ଟିଚ୍ୟୁଟ ୱାର୍ଡରେ ୬୦ଜଣ, ସର୍ଜରୀ ଡେଷ୍ଟିଚ୍ୟୁଟ ୱାର୍ଡରେ ୨୫ଜଣ ଏବଂ ଅର୍ଥୋପେଡ଼ିକ ଡେଷ୍ଟିଚ୍ୟୁଟ ୱାର୍ଡରେ ୩୦ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

### ବେଗ ବଢ଼ାଇବା ପାଇଁ ଗାଡ଼ିରୁ ସ୍ପିଡ୍ ଲିମିଟର ସଂଯୋଗ କଟାଯାଉଛି

# ଫିଟ୍‌ନେସ୍ ପ୍ରଦାନ ବେଳେ ଯାଞ୍ଚକୁ ନେଇ ପ୍ରଶ୍ନ

କଟକ, ୧୯।୬(ସମିସ)

ମୋଟର ଯାନ ଆଇନ ୧୯୯୩ର ରୁଲ୍ ୧୬୩ ଅନୁସାରେ ଗାଡି ଗୁଡିକର ସର୍ବାଧିକ ଗତି ଧାର୍ଯ୍ୟ କରିଥିଲା ପରିବହନ ପ୍ରାଧିକରଣଫ ଏଥିପାଇଁ ଯାତ୍ରୀ ପରିବହନ କ୍ଷେତ୍ରରେ ନିୟୋଜିତ ଥିବା ଗାଡିଗୁଡିକରେ ସ୍ପିଡ କଣ୍ଟ୍ରୋଲ ଡିଭାଇସ ବା ସ୍ପିଡ ଲିମିଟର ଲଗାଯାଇଥିଲା। ଏହି ଯନ୍ତ୍ର ଲଗାଯିବା ଫଳରେ ଗାଡିର ବେଗ ନିର୍ଦ୍ଧାରିତ ସୀମା ମଧ୍ୟରେ ରହୁଥିଲା। ଯାହା ଦ୍ୱାରା ସଡକ ଦୁର୍ଘଟଣାକୁ ରୋକାଯିବା ପାଇଁ ପରିବହନ ବିଭାଗ ପକ୍ଷରୁ କୁହାଯାଇଥିଲା; କିନ୍ତୁ ଏହି ନିୟମ ଯାତ୍ରୀ ପରିବହନ ବ୍ୟବସ୍ଥାରେ ନିୟୋଜିତ ଗାଡି ଗୁଡିକ ପାଇଁ ଅନୁକୂଳ ନହେବାରୁ ଏହି ସ୍ପିଡ ଲିମିଟର ସଂଯୋଗକୁ ଗାଡି ଗୁଡିକରୁ କାଟି ଦିଆଯାଉଛି। ଫଳରେ ଯାତ୍ରୀ ମାନଙ୍କୁ ପରିବହନ କରୁଥିବା ଗାଡି ଗୁଡିକ ଏବେ ଦ୍ରୁତ ବେଗରେ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ସୂଚନାନୁସାରେ ଯାତ୍ରୀ ପରିବହନରେ ନିୟୋଜିତ ଥିବା ବସ ହେଉ କିମ୍ବା କ୍ୟାଣ୍ଟର ଅବା ଟାଟା ମ୍ୟାଜିକ ଗାଡି ଗୁଡିକ ଗୋଟିଏ ଦିନରେ ଅଧିକ ଥର ଗନ୍ତବ୍ୟ ସ୍ଥଳକୁ ଯାଆସ ପାଇଁ ଦ୍ରୁତ ବେଗ ଉପରେ ନିର୍ଭର କରିଥାନ୍ତି। କଟକ ସହରକୁ ଆସୁଥିବା ବହୁ ଯାନବାହନ ଗୁଡିକ ସ୍ପିଡ ଲିମିଟର ସଂଯୋଗ ବିଛିନ୍ନ କରି ଚଳାଉଥିବା ଜଣାପଡ଼ିଛି।




ବାସ୍ତବରେ ଏହାର ସଂଯୋଗ ରହିଛି ନା ବିଛିନ୍ନ କରାଯାଇ ଗାଡି ଚଳାଚଳ କରୁଛି ତାହାର ଯାଞ୍ଚ ସଠିକ ଢଙ୍ଗରେ ହେଉନାହିଁ। ୮ଜଣରୁ ଅଧିକ ଲୋକ ଯାଉନଥିବା ଅଣପରିବହନ ଗାଡି ଗୁଡିକ ଡିଭାଇଡର ଥିବା ଚାରିଲେନ୍ ବିଶିଷ୍ଟ ଜାତୀୟ ରାଜପଥରେ ସର୍ବାଧିକ ଘଣ୍ଟା ପ୍ରତି ୧୦୦କିଲୋମିଟର ବେଗରେ ଯାଇପାରିବ। ବାକି ଜାଗାରେ ୬୦କିଲୋମିଟର ମଧ୍ୟରେ ବେଗରେ ଯାଇପାରିବ। ସେହିପରି ୮ସିଟ୍‌ରୁ ଅଧିକ ହୋଇନଥିବା ଗାଡି ଡିଭାଇଡର ଯୁକ୍ତ ୪ଲେନ ବିଶିଷ୍ଟ ଜାତୀୟ ରାଜପଥରେ ସର୍ବାଧିକ ୮୦ କିଲୋମିଟର ଓ ମହାନଗର ଓ ବିଜ୍ଞାପିତ ଅଞ୍ଚଳ ସୀମା ଭିତରେ ୫୦କିଲୋମିଟର ବେଗରେ ଯାଇପାରିବ। ୯ସିଟ୍ ବିଶିଷ୍ଟ ବା ତଦୁର୍ଦ୍ଧ୍ୱ ପରିବହନ ଓ ଅଣପରିବହନ ଗାଡି ପାଇଁ ଚାରି ଲେନ ବିଶିଷ୍ଟ ଜାତୀୟ ରାଜପଥରେ ସର୍ବାଧିକ ବେଗ ୮୦ କିଲୋମିଟର ଘଣ୍ଟା ପ୍ରତି ରହିବ। ଏହି ଗାଡି ମହାନଗର ଓ ବିଜ୍ଞାପିତ ଅଞ୍ଚଳ ଦେଇ ଯାଇଥିବା ରାଜପଥରେ ସର୍ବାଧିକ ଘଣ୍ଟା ପ୍ରତି ମାତ୍ର ୪୦କିଲୋମିଟର ବେଗରେ ଯାଇପାରିବ। କିନ୍ତୁ ଅନ୍ୟ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବେଗ ୬୦କିଲୋମିଟର ଭିତରେ ରହିବ। ସ୍ପିଡ ଗଭର୍ଣ୍ଣର ଲଗାଯିବା ପରେ ବି ଗାଡି ଗୁଡିକ କିପରି ଦ୍ରୁତଗତିରେ ଚଳାଚଳ କରୁଛି ତାହା ଯାଞ୍ଚ ସାପେକ୍ଷ। ଅନ୍ୟପଟରେ ପରିବହନ ଅଧିକାରୀଙ୍କ କହିବାନୁସାରେ ଗାଡିରେ ସ୍ପିଡ୍ ଲିମିଟର ଡିଭାଇସ ନଥିଲେ ଫିଟନେସ ପ୍ରମାଣପତ୍ର ଦିଆଯାଉନଥିବା କହିଛନ୍ତି। ହେଲେ ବାସ୍ତବରେ ଏହି ସ୍ପିଡ ଲିମିଟର ଡିଭାଇସ ସଂଯୋଗ ରହିଛି ନା ଏହାକୁ କାରସାଦି କରି କଟାଯାଇଛି ତାହାର ଯାଞ୍ଚ ହେଉନଥିବା ଅଭିଯୋଗ ହେଉଛି।

ପ୍ରକାଶଥାଉକି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଗତ ୨୦୧୬ମସିହା ଅକ୍ଟୋବରରେ ସବୁ ଯାତ୍ରୀବାହୀ ଗାଡି ତଥା ବସରେ ସ୍ପିଡ ଗଭର୍ନର ବା ଲିମିଟର ଲଗାଯିବାକୁ ବାଧ୍ୟତାମୂଳକ କରାଯାଇଥିଲା। ସେହିପରି ବସ ଡ୍ରାଇଭର ମାନଙ୍କୁ ମୋବାଇଲ ଫୋନ ମନା ହୋଇଥିଲା। ଗାଡି ଚଳାଉଥିଲା ବେଳେ ବସ ଡ୍ରାଇଭର ମାନଙ୍କର ଫୋନ ସମ୍ପୃକ୍ତ ବସର କଣ୍ଡକ୍ଟର ମାନଙ୍କ ନିକଟରେ ରହିବ ବୋଲି କୁହାଯାଇଥିଲା। ହେଲେ ଏହା କେତେଦୂର ଅନୁପାଳନ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ■ ସିଏମ୍‌ସିରେ ସମୀକ୍ଷା ବୈଠକ

# ପଙ୍କୋଦ୍ଧାର କାମ ସରି ନ ଥିବାରୁ ଅସନ୍ତୋଷ



କଟକ, ୧୯।୬(ସମିସ): କଟକ ମହାନଗର ନିଗମ ଚୌଧୁରୀବଜାର ସ୍ଥିତ ବିଜୁ ଭବନ କାର୍ଯ୍ୟାଳୟରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂହଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାରବାଟୀ- କଟକ ବିଧାୟିକା ସୋଫିଆ ଫିର୍ଦୋସ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇଥିଲେ। ଆଗକୁ ବର୍ଷା ଦିନ ଆସୁଛି। ସହରକୁ ଜଳବନ୍ଦୀ ସମସ୍ୟାରୁ ରକ୍ଷା କରିବା ଦିଗରେ ଆଲୋଚନା କରାଯାଇଥିଲା। ବର୍ଷା ଦିନ ପୂର୍ବରୁ ନାଳରୁ ପଙ୍କୋଦ୍ଧାର ଶେଷ କରାଯାଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସହରରେ ଥିବା ମୁଖ୍ୟ ନାଳର ସ୍ଥିତି ଏବଂ ମୁକୁଳା ନାଳକୁ ନେଇ ଯୋଜନା ସମ୍ପର୍କରେ ସାଂସଦ ପ୍ରଶ୍ନ କରିଥିଲେ। ଛତ୍ରବଜାର ନିକଟରେ ବକ୍ସ ଡ୍ରେନ୍‌ରୁ ଜଳ ନିଷ୍କାସନ ପାଇଁ ୭୮୦ଏଚ୍‌ପିର ୧୨ଟି ପମ୍ପ ଲଗାଯାଇ ମାତୃଭବନ ପର୍ଯ୍ୟନ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ଆଗାମୀ ୨୫ ତାରିଖ ସୁଦ୍ଧା ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ୱାଟ୍‌କୋ ଅଧିକାରୀ କହିଥିଲେ।

ବର୍ଷା ସମୟରେ ଅଧିକାରୀମାନେ ଉପସ୍ଥିତ ରହିବା ସହିତ ମୋଟର ପମ୍ପକୁ ଯାଞ୍ଚ କରି ତାହାର ପ୍ରମାଣପତ୍ର ଦାଖଲ କରିବାକୁ ବିଧାୟିକା ସୋଫିଆ ପରାମର୍ଶ ଦେଇଥିଲେ। ସହରରେ ପଙ୍କୋଦ୍ଧାର ବ୍ୟବସ୍ଥା, ଜଳାଶୟ, ଶୌଚାଳୟ, ବିଶ୍ୱନାଥ ପଣ୍ଡିତ ପାଠାଗାର, ବସ୍ ଷ୍ଟାଣ୍ଡ ଆଦି ପ୍ରସଙ୍ଗକୁ ନେଇ ବିଧାୟକ ଶ୍ରୀ ବିଶ୍ୱାଳ ଅସନ୍ତୋଷ ପ୍ରକାଶ କରିଥିଲେ। କମିଶନର ବିଜୟ କୁମାର ଦାସ, ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନବ ନିର୍ବାଚିତ ସାଂସଦ ଓ ବିଧାୟକଙ୍କୁ ସିଏମସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କ୍ରେନ୍ ଧକ୍କାରେ ମହିଳା ମୃତ

କଟକ, ୧୯।୬(ସମିସ): ଏସ୍‌ସିବି ମେଡିକାଲରୁ ଚିକିତ୍ସିତ ହୋଇ ଫେରିବା ସମୟରେ ହାଇଡ୍ରା କ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ ହେଲେ ଆନନ୍ଦପୁର ଅଞ୍ଚଳର ସୁଷମା ସିଂହ(୪୧)। ଏ ନେଇ କେସ ନଂ -୧୬୩ରେ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏସସିବି ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନଙ୍କ କହିବା ଅନୁସାରେ, ସୁଷମା ଏସସିବିରୁ ଫେରୁଥିଲେ। ରାଣୀହାଟ ଗେଟ ଦେଇ ଯିବା ସମୟରେ ମୋ ବସ ଷ୍ଟପ ନିକଟରେ ରାସ୍ତା ପାର କରିବା ସମୟରେ କ୍ରେନ ଧକ୍କା ଦେଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ବୋଲି ସେ ଜଣାଇଛନ୍ତି।

### ଅଭିଯୋଗ ରଖୁନାହାନ୍ତି ଥାନାଧିକାରୀ

## ଡିସିପି ଅଫିସ ସମ୍ମୁଖରେ ପୀଡ଼ିତ ପରିବାରର ଧାରଣା

କଟକ, ୧୯।୬(ସମିସ): ନିଜ ସାନଭାଇ ନିର୍ଯାତନାରେ ଅତିଷ୍ଠ ହୋଇ ଆଜି ଡିସିପି ଅଫିସ ସମ୍ମୁଖରେ ବଡ଼ଭାଇ ଓ ତାଙ୍କ ପରିବାର ଲୋକେ ଧାରଣା ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଦରଘାବଜାର ଥାନା ଅନ୍ତର୍ଗତ ସୂତାହାଟ ଦର୍ଜି ସାହି ଅଞ୍ଚଳରେ ଇବ୍‌ତେହାଜ ସାରୋଶ ଓ ତାଙ୍କ ପରିବାର ଲୋକ ବାସ କରୁଛନ୍ତି। କିନ୍ତୁ ଗତ କିଛି ମାସ ହେବ ତାଙ୍କୁ ଏବଂ ତାଙ୍କର ପରିବାର ଲୋକଙ୍କୁ କୌଣସି କାରଣ ନ ଥାଇ ତାଙ୍କ ସାନ ଭାଇ ମାରୁଫ ନବିଲ ଅକଥନୀୟ ନିର୍ଯାତନା ଦେଉଛନ୍ତି। ଏ ସମ୍ପର୍କରେ ସେ ପୂର୍ବରୁ ଅନେକ ଥର ଦରଘା ବଜାର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଫଳରେ ଦିନକୁ ଦିନ ତାଙ୍କ ସାନଭାଇଙ୍କ ଅତ୍ୟାଚାର ବଢ଼ିବାରେ ଲାଗିଥିଲା। ଗତ ୧୭ ତାରିଖ ବିଳମ୍ବିତ ରାତିରେ ସାନଭାଇ ମାରୁଫ ଅନ୍ୟ କିଛି ସ୍ଥାନୀୟ ଅସାମାଜିକ ଲୋକଙ୍କୁ ଧରି ତାଙ୍କ ଘରର ବିଦ୍ୟୁତ ତାର କାଟି ନେଇଯାଇଥିଲେ। ଫଳରେ ପ୍ରବଳ ଗରମ ଗୁଳୁଗୁଳିରେ ସାରୋଶଙ୍କ ପରିବାର ଲୋକ ଦୟନୀୟ ଅବସ୍ଥାରେ ରହିଥିଲେ। ଏ ସମ୍ପର୍କରେ ସାରୋଶ ଦରଘା ବଜାର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଶେଷରେ ବାଧ ହୋଇ ଆଜି ଇବ୍‌ତେହାଜ ସାରୋଶ ଓ ତାଙ୍କ ସ୍ତ୍ରୀ ତଲତ ଆଫ୍ରୋଜ୍, ମାନସିକ ଭିନ୍ନକ୍ଷମ ଭାଇ ନୟର କାସିଫ ଓ ତାଙ୍କ ଝିଅ ତସ୍ନିୟା ତଲତ ଡିସିପି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏଡିସିପି ଅନିଲ ମିଶ୍ର ଏ ସମ୍ପର୍କରେ ଖବର ପାଇବା ପରେ ତାଙ୍କୁ କାର୍ଯ୍ୟାଳୟକୁ ଡାକି ତାଙ୍କ ସହ ଆଲୋଚନା କରିବା ସହ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସାରୋଶଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଡିସିପିଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ସେ ଓ ତାଙ୍କ ପରିବାର ଲୋକ ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ସାରୋଶ କହିଛନ୍ତି।

### ୨୨ରୁ ଫୁଟସାଲ କ୍ଲବ ଚାମ୍ପିଅନସିପ୍

## ରାଜ୍ୟ ଦଳର ଗୁଜୁରାଟ ଯାତ୍ରା



କଟକ, ୧୯।୬(ସମିସ): ଗୁଜୁରାଟର ସ୍ୱର୍ଣ୍ଣିମ ସ୍ପୋର୍ଟସ ୟୁନିଭର୍ସିଟିରେ ଆସନ୍ତା ୨୨ ତାରିଖରୁ ଫୁଟସାଲ୍ କ୍ଲବ ଚାମ୍ପିଅନସିପ୍ ଆରମ୍ଭ ହେବ। ପ୍ରତିଯୋଗିତା ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମର୍ଯ୍ୟାଦାଜନକ ଚାମ୍ପିଅନସିପ୍‌ରେ ଭାଗ ନେବା ନିମନ୍ତେ ସ୍ପୋର୍ଟସ ଓଡ଼ିଶା ଦଳ ଯୋଗ୍ୟତା ହାସଲ କରିଛି। ଘୋଷିତ ୧୪ ଜଣିଆ ରାଜ୍ୟ ଦଳ ବୁଧବାର ଗୁଜୁରାଟ ଅଭିମୁଖେ ଯାତ୍ରା କରିଛି। ରାଜ୍ୟ ଦଳରେ ଶ୍ୟାମ ହାଁସଦା, ସୁବ୍ରତ ପ୍ରଧାନ, ଗଣେଶ ନାୟକ, ଆଲୋକ କୁମାର ଦାସ, ବେଲାଲସେନ କହଁର, ଇନ୍ଦ୍ର ଓରାମ, ଜ୍ୟୋତିର୍ମୟ ଗଡିଆ, ସୂରଜ ନାଏକ, ପ୍ରଶାନ୍ତ ଶ୍ରୀହରି, ଅବିନାଶ କିଶାନ, ଧନେଶ୍ୱର ବେସ୍ରା, ଜଗନ୍ନାଥ ଟୁଡୁ, ରୋନିକ ମାଝୀ, ଚନ୍ଦ୍ରମୋହନ ପୂର୍ତ୍ତି ସ୍ଥାନ ପାଇଛନ୍ତି। ଗଙ୍ଗାଧର ବେହେରା ଦଳର ମୁଖ୍ୟ କୋଚ୍ ଥିବା ବେଳେ ଅଜୟ ବେହେରା ସହକାରୀ କୋଚ୍ ଓ ମ୍ୟାନେଜର, ଅଭିଜିତ ପାତ୍ର ଫିଜିଓ ଭାବେ ଦଳରେ ରହିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

### ମାଲଗୋଦାମରେ ରଙ୍ଗିନ ଚୂଡ଼ା ବିକ୍ରି ଘଟଣା

# ସିଏମ୍‌ସି ଓ ମାଲଗୋଦାମ ପୁଲିସର ଚଢ଼ଉ



ନମୁନା ସଂଗ୍ରହ କରି ଯାଞ୍ଚ ପାଇଁ ପଠାଇଲା ଟିମ୍

କଟକ, ୧୯।୬(ସମିସ): ମାଲଗୋଦାମରେ ରଙ୍ଗିନ ଚୂଡ଼ା ବିକ୍ରି ଘଟଣା ସାମ୍ନାକୁ ଆସିବା ପରେ ତତ୍ପର ହୋଇ ଉଠିଛି ପ୍ରଶାସନ। ଅଭିଯୋଗ ଆଧାରରେ ବୁଧବାର କଟକ ମହାନଗର ନିଗମ ସ୍ୱାସ୍ଥ୍ୟବିଭାଗ ଓ ମାଲଗୋଦାମ ଥାନା ପୁଲିସ କେତେକ ଗୋଦାମ ଉପରେ ଚଢ଼ଉ କରି ଚୂଡା ଯାଞ୍ଚ କରିବା ସହିତ ତିନିଟି ଗୋଦାମରୁ ନମୂନା ସଂଗ୍ରହ କରି ପରୀକ୍ଷା ପାଇ ଲାବରେଟୋରିକୁ ପଠାଇଛି। ଉପକୂଳ ଜିଲା ଯଥା- ପୁରୀ, ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳର ଭୁବନ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଯାଜପୁର ଜିଲାରେ ଥିବା ଚୁଡ଼ା ମିଲ୍‌ରେ ଧଳାଚୁଡ଼ାରେ ସବୁଜ ରଙ୍ଗ ଏବଂ ନାଲି ଚୁଡ଼ାରେ ନାଲି ରଙ୍ଗ ମିଶାଯାଉଥିବା ବ୍ୟବସାୟୀମାନେ ଅଭିଯୋଗ କରିଥିଲେ। ଏପରିକି ମାଲଗୋଦାମର ମଧ୍ୟ କେତେକ ଗୋଦାମରେ ଏଭଳି ଚୂଡା ମିଳିଥିବା ନେଇ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ସିଏମସିର ଏ ପ୍ରକାର ଯାଞ୍ଚକୁ ନେଇ ମାଲଗୋଦାମ ବଣିକ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରିଛି। ଉପକୂଳ ଜିଲାରେ ଥିବା କେତେକ ମିଲରେ ଚୂଡ଼ାରେ ରଙ୍ଗ ଦିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା। ତଦନୁଯାୟୀ ପ୍ରଶାସନ ସେଠାରେ ଚଢ଼ଉ ନ କରିବା ପରିବର୍ତ୍ତେ ମାଲଗୋଦାମରେ ଯାଞ୍ଚ କରିବା ନେଇ ବ୍ୟବସାୟୀଙ୍କୁ ଏକପ୍ରକାର ନିର୍ଯାତନା ଦିଆଯାଉଥିବା ନେଇ ସଂଘ ଅଭିଯୋଗ ଆଣିଛି।

## କଟକ ଚଣ୍ଡୀ ମନ୍ଦିର ପରିଦର୍ଶନ କଲେ ସାଂସଦ

କଟକ, ୧୯।୬(ସମିସ)

କଟକର ଅଧିଷ୍ଠାତ୍ରୀ ଦେବୀ ମା କଟକ ଚଣ୍ଡୀଙ୍କ ମନ୍ଦିର ସମ୍ପ୍ରସାରଣ କାର୍ଯ୍ୟ ତିନିମାସ ହେବ ବନ୍ଦ ରହିଛି। ଏ ସମ୍ପର୍କରେ ଜାଣିବା ପରେ ଆଜି କଟକ ସାଂସଦ ଭର୍ତ୍ତୃହରି ମହତାବ ମନ୍ଦିର ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଖୁବ୍ ଶୀଘ୍ର ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ୨୦୨୨ରେ ମା କଟକ ଚଣ୍ଡୀ ମନ୍ଦିରର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଆରମ୍ଭ ହେଲା କାର୍ଯ୍ୟ। ୨୦୨୩ ମସିହା ଅକ୍ଟୋବର ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ହେଲେ କାର୍ଯ୍ୟ ସରିଲା ନାହିଁ। କାର୍ଯ୍ୟର ମନ୍ଥରତାକୁ ନେଇ ଫେବୃୟାରୀ ମାସ ୧ ତାରିଖରେ ତତ୍କାଳୀନ କଟକ ଜିଲ୍ଲାପାଳ ବିନିତ୍ ଭରଦ୍ୱାଜ ମନ୍ଦିର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ ଓ ତୁରନ୍ତ କାର୍ଯ୍ୟ ସାରିବା ପାଇଁ ତାଗିଦ୍ ମଧ୍ୟ କରିଥିଲେ। ଫେବ୍ରୁଆରୀ ମାସରୁ ଜୁନ ମାସ ହୋଇଯାଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟରେ କୌଣସି ଅଗ୍ରଗତି ଦେଖା ଦେଲା ନାହିଁ। ପରେ ଆଜି କଟକ ସାଂସଦ ଭର୍ତ୍ତୃହରି ମହତାବ, ସିଡିଏ ଅଧକ୍ଷ ଅନିଲ ସାମଲ, ଓବିସିସିର ମୁଖ୍ୟ, କଟକର ଉପଜିଲ୍ଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ସାଙ୍ଗରେ ନେଇ ଚଣ୍ଡୀ ମନ୍ଦିର ପରିସରରେ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ଦିର ସହ ମାର୍କେଟ କମ୍ପ୍ଲେକ୍ସକୁ ବୁଲିବା ସହ ପୁରା ପ୍ରୋଜେକ୍ଟର ନକ୍ସା ଦେଖିଥିଲେ। କାହିଁକି ନିର୍ମାଣ କାର୍ଯ୍ୟରେ ମନ୍ଥରତା ପ୍ରକାଶ ପାଇଛି ତାହାକୁ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବା ସହ ଦୈନିକ ଅଧିକ ଶ୍ରମିକ ନିଯୁକ୍ତି ପାଇଁ ତାଗିଦ୍ କରିଥିଲେ। ଯେହେତୁ ମନ୍ଦିରର ନିର୍ମାଣ କାର୍ଯ୍ୟ ପାଇଁ ଜଣେ ଦକ୍ଷ ପଥର ଶିଳ୍ପୀଙ୍କ ଆବଶ୍ୟକ ପଡ଼ିବ ସେଥିପାଇଁ କିଏ ହେବ ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିବା ବେଳେ ଏହା ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କ ଭାଇଙ୍କୁ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି ସାଂସଦ ଶ୍ରୀ ମହତାବ।

ସକାଳ
THE SAKALA



**ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା-୨୦୨୪ର ସୁପରିଚାଳନା ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ**

# ୩୦ ଜିଲ୍ଲାରେ ସ୍ଥାପନ ହେବ ଅସ୍ଥାୟୀ ସୂଚନା କେନ୍ଦ୍ର

**ଭୁବନେଶ୍ୱର,୧୯।୬(ସମିସ):** ଓଡ଼ିଆ ଜାତିର ପରମ ଆରାଧ୍ୟ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ସେ ଓଡ଼ିଆଙ୍କ ଅଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ଏବଂ ଅସ୍ମିତାର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ପୁରୀଠାରେ ଅନୁଷ୍ଠିତ ହେଉଥିବା ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ

- ଆକର୍ଷଣ ପାଲଟିବ ସାଂସ୍କୃତିକ କାର୍ଯ୍ୟକ୍ରମ, ଫଟୋଚିତ୍ର ପ୍ରଦର୍ଶନୀ
- ସାମାଜିକ ଗଣମାଧ୍ୟମରେ ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱାରୋପ
- କଟକରୁ ପୁରୀ ଜାତୀୟ ରାଜପଥରେ ହୋର୍ଡିଂ ମାଧ୍ୟମରେ ହେବ ପ୍ରଚାର ପ୍ରସାର

ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ଦେଶବିଦେଶରୁ ଛୁଟି ଆସନ୍ତି ଅଗଣିତ ଭକ୍ତ। ଏହି ମର୍ମରେ ଚଳିତ ବର୍ଷ ରଥଯାତ୍ରାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱକୁ ସୁବ୍ୟବସ୍ଥିତ ଓ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି।

ବୁଧବାର ଲୋକସମ୍ପର୍କ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରଥଯାତ୍ରା ପାଇଁ ବିଭାଗ ପକ୍ଷରୁଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଗତ ବର୍ଷ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଚଳିତ ବର୍ଷର ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା



କେନ୍ଦ୍ର ସ୍ଥାପନ କରାଯିବାକୁ ଥିବାବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସଂଖ୍ୟା ବଢ଼ାଇବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ସହରର ପ୍ରମୁଖ ସ୍ଥାନ ଯଥା, ସିଂହଦ୍ୱାର, ବଳଗଣ୍ଡି, ବଡ଼ଶଙ୍ଖ, ଜଗନ୍ନାଥ ବଲ୍ଲଭ ମଠ, ଦିଗବାରେଣୀ, ଗୁଣ୍ଡିଚାବାଡ଼ି, ମାଳତିପାଟପୁର, ସୁଭାଷ ବୋଷ ଛକ, ପାନ୍ଥଭବନ, ତାଳବଣିଆ, ସମଙ୍ଗ ପାର୍କିଂ ସ୍ଥଳ, ଶ୍ରୀଦାଣ୍ଡ ଏବଂ ରେଳଷ୍ଟେସନଠାରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରଥଯାତ୍ରାର ସିଧା ପ୍ରସାରଣ, ଲାଇଭ୍ କମନ ଫିଡ୍, ରଥଯାତ୍ରା ଦିନ ସିଂହଦ୍ୱାରଠାରେ ବିଶିଷ୍ଟ ଅତିଥିମାନଙ୍କ ସତ୍କାର ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପୁରୀର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହଯୋଗରେ ଅସ୍ଥାୟୀ ସୂଚନା କେନ୍ଦ୍ରଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରତ୍ୟହ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କରାଯିବ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ ତଥା ଜଗନ୍ନାଥ ଜଣାଣ ପ୍ରକାଶନ କରାଯାଇ ବିକ୍ରୟ କରାଯିବ। ଟେଲିଭିଜନ ଓ ଫଟୋ କଭରେଜ, ରେଡ଼ିଓ ଜିଙ୍ଗଲ ଏବଂ ବିଜ୍ଞାପନ ପ୍ରସାରଣ ବ୍ୟବସ୍ଥା ସହ କଟକରୁ ପୁରୀ ଜାତୀୟ ରାଜପଥରେ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ହୋର୍ଡିଂ ମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା କରାଯିବ। ଖବରକାଗଜରେ ବିଜ୍ଞାପନ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ଅବସରରେ ପୁରୀ ପଲ୍ଲିଶ୍ରୀ ମେଳାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ଏବଂ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଧାରିତ ଯେଉଁ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥାଏ ତାହାକୁ ଆହୁରି ଆକର୍ଷଣୀୟ କରାଯିବ।ଓଡ଼ିଶାର ୩୦ଟି ଜିଲ୍ଲାରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନଗୁଡ଼ିକରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ବିକ୍ରୟ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ଶୃଙ୍ଖଳିତ ଢଙ୍ଗରେ କାର୍ଯ୍ୟ ସମ୍ପାଦନ ସହ ଏହାକୁ ସଫଳ କରିବା ପାଇଁ ମୁଖ୍ୟ ଶାସନସଚିବ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**■ ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ସେବା ପାଇଁ ସମନ୍ୱୟ ବୈଠକ**

# ଅନ୍ୟ ରୁଟ୍ ଗାଡ଼ିକୁ ପୁରୀ ପାଇଁ ମିଳିବ ସ୍ୱତନ୍ତ୍ର ଅନୁମତି

**କଟକ,୧୯।୬(ସମିସ):** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୁଲିସ କର୍ତ୍ତୃପକ୍ଷ, ପୁରୀ, କଟକ ଓ ଭୁବନେଶ୍ୱର ଆଞ୍ଚଳିକ ପରିବହନ

- ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ
- ବେପରୁଆ ଗାଡ଼ି ଚାଳନା ରୋକିବାକୁ 'ଇଏଏସ୍'

ଅଧିକାରୀ ଏବଂ ବସ୍ ମାଲିକ ସଙ୍ଘ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁମାନେ ଯେପରି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ତାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଗ୍ରହଣ କରାଯାଇଛି।

ପ୍ରତିବର୍ଷ ଭଳି ଚଳିତ ଥର ମଧ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ। ଆଗ୍ରହୀ ବସ୍ ମାଲିକମାନେ ଏଥିନିମନ୍ତେ ଆବେଦନ କରିବେ ଏବଂ ଏସଟିଏ ମୁଖ୍ୟାଳୟରେ ସିଙ୍ଗଲ ୱିନଡୋ ବ୍ୟବସ୍ଥାରେ ଏହାକୁ ଅନୁମୋଦନ ମିଳିବ। ରଥଯାତ୍ରା ସମୟରେ ସ୍ପେଶାଲ ପରମିଟ ପାଇଥିବା ବସଗୁଡିକୁ ଟୋଲଗେଟରେ ଫି ଛାଡ଼ ନେଇ ବସ୍ ମାଲିକମାନଙ୍କ ଦୀର୍ଘଦିନର ଏକ ଦାବିକୁ ମଧ୍ୟ ଆଜି ଏସଟିଏ ଗ୍ରହଣ କରିଛି। ଏ ସଂକ୍ରାନ୍ତରେ ବୈଠକରେ ଉପସ୍ଥିତ ଏନଏଚଆଇ କର୍ତ୍ତୃପକ୍ଷଙ୍କୁ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି।

ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି ଭଡ଼ା ଆଦାୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ବସ୍ ନୁହେଁ, ମାଳତୀପାଟପୁର କିମ୍ବା ତାଳବଣିଆରୁ ବଡ଼ଦାଣ୍ଡକୁ ଯାଉଥିବା ଅଟୋ କିମ୍ବା ଅନ୍ୟାନ୍ୟ ଗାଡ଼ି ଯେପରି ମନଇଚ୍ଛା ଭଡ଼ା ଦାବି କଲେ ସେ ଦିଗରେ ପୁରୀ ପୁଲିସ ଓ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି। ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାକୁ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ତଦାରଖ କରାଯିବ। ଏହାସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ। ରାଜ୍ୟ ବାହାର ଯାତ୍ରୀବାହୀ ଗାଡି



ଗୁଡିକ ମାଳତୀପାଟପୁରରେ ରହିବେ। ପୁରୀରେ ଆରଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଏହା ସହ ରଥଯାତ୍ରା ସମୟରେ ବେପରୁଆ ଗାଡ଼ି ଚାଳନାକୁ ରୋକିବାକୁ ଭୁବନେଶ୍ୱରରୁ ପୁରୀ ମଧ୍ୟରେ ଇଣ୍ଟେଲିଜେଣ୍ଟ ଏନଫୋର୍ସ ସିଷ୍ଟମ (ଇଏଏସ୍) କାର୍ଯ୍ୟକାରୀ ହେବ। ସମନ୍ୱୟ ବୈଠକକୁ ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ ପରିଚାଳନା କରିଥିବାବେଳେ ଯୁଗ୍ମ ପରିବହନ କମିଶନର ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରପତିଙ୍କ ଜନ୍ମଦିନରେ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ ଓ ଶୁଭେଚ୍ଛା

**ଭୁବନେଶ୍ୱର,୧୯।୬(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ମୁର୍ମୁ ଜୁନ ୨୦ ତାରିଖରେ ତାଙ୍କର ଜନ୍ମ ଦିବସ ପାଳନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରି ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେବା ଓ ସମର୍ପଣ ଭାବରେ ଦେଶକୁ ପ୍ରେରଣା ଦେଇ ଚାଲିଛନ୍ତି। ଶ୍ରୀମତୀ ମୁର୍ମୁ ଓଡ଼ିଶାର ଗର୍ବ ଓ ଗୌରବ ବୋଲି ମତ ଦେବା ସହିତ ସେ ରାଷ୍ଟ୍ରପତିଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି।

## ନବୀନଙ୍କୁ ଭେଟିଲେ ରୂପେଶ ଓ ରୋହିତ

**ଭୁବନେଶ୍ୱର,୧୯।୬(ସମିସ):** ପାରଳା ଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଓ ବୀରମିତ୍ରପୁର ବିଧାୟକ ରୋହୀତ ଜୋସେଫ୍ ତିର୍କୀ ତାଙ୍କର ଶତାଧିକ ସମର୍ଥକଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସନ୍ଧ୍ୟାରେ ନବୀନ ନିବାସରେ ଦଳର ଦୁଇ ଯୁବ ବିଧାୟକ ପହଞ୍ଚି ସୁପ୍ରିମୋଙ୍କୁ ଭେଟିବା ସହ ବିରୋଧୀ ଦଳର ନେତା ଭାବେ ନିର୍ବାଚିତ ହୋଇଥିବାରୁ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଜେଡି ସୁପ୍ରିମୋ ସେମାନଙ୍କୁ ନିଜ ନିର୍ବାଚନ ମଣ୍ଡଳୀ ଓ ରାଜ୍ୟ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ।

**କଂଗ୍ରେସ ବିଧାୟକ ଦଳ ବୈଠକ**

# ଦିଲ୍ଲୀରୁ ମୋହର ବାଜିବା ପରେ ନେତା ଘୋଷଣା

**ଭୁବନେଶ୍ୱର,୧୯।୬(ସମିସ):** ବିଧାନସଭାରେ କଂଗ୍ରେସର ରଣନୀତି ଆକ୍ରମଣାତ୍ମକ ରହିବ। ଲୋକଙ୍କ ହିତ ସମ୍ପର୍କିତ ପ୍ରସଙ୍ଗ ଉଠାଇ ଦଳ ରାଜ୍ୟ ସ୍ୱାର୍ଥ ପାଇଁ କାମ କରିବ। କଂଗ୍ରେସ ରାଜ୍ୟ ତଥା ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ଭାବେ କାର୍ଯ୍ୟ କରିବ ବୋଲି ହୋଟେଲ କଳିଙ୍ଗ ଅଶୋକାରେ ଆୟୋଜିତ କଂଗ୍ରେସ ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହୋଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ବସିଥିବା ଏହି ବୈଠକରେ କଂଗ୍ରେସର ନିବ ନିର୍ବାଚିତ ବିଧାୟକମାନେ ଯୋଗ ଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ କଂଗ୍ରେସ ବିଧାୟକମାନେ କେଉଁ ପ୍ରମୁଖ ପ୍ରସଙ୍ଗ ଉତ୍ଥାପନ କରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ନେତା କିଏ ହେବ ସେନେଇ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ ମଧ୍ୟ ଦଳ ଏହି ନିଷ୍ପତ୍ତି ଏଆଇସିସି ଉପରେ ଛାଡ଼ିଥିବା ଜଣାପଡ଼ିଛି। ଯଦିଓ ୫ ଥରର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ୩ ଥର ବହୁମତ ପାଇଥିବା ରାମଚନ୍ଦ୍ର କାଡ଼ାମଙ୍କ ନାଁ ଆଗରେ ରହିଛି ହେଲେ ଚୁଡ଼ାନ୍ତ ନିଷ୍ପତ୍ତି ଏଆଇସିସି ନେବ ବୋଲି ଜଣାପଡ଼ିଛି। ଦଳ ପକ୍ଷରୁ ଏ



ନେଇ ପିସିସି ସଭାପତି କହିଛନ୍ତି ବିଧାୟକ ଦଳ ନେତା ଏଆଇସିସି ବାଛିବ। କଂଗ୍ରେସ ଦଳ ଠିକଣା ଭାବରେ ରାଜ୍ୟର ସ୍ୱାର୍ଥ ପାଇଁ ଲଢେଇ କରୁଚି ଓ କରିବ। ବିଜେଡି କୁ ଯେଉଁଭଳି ବିରୋଧ ହେଉଥିଲା ବିଜେପିକୁ ମଧ୍ୟ ସେହିଭଳି ବିରୋଧ ହେବ। ସେହିପରି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ବିଜେଡି ଏଠାରେ ବିଜେପିକୁ ବିରୋଧ କରି ପାରିବ ନାହିଁ। କାରଣ ବିଜେଡି ବିଭିନ୍ନ ପ୍ରସଙ୍ଗରେ ଭୟରେ ରହିବ। ତେଣୁ ଏଠାରେ କଂଗ୍ରେସ ହିଁ ପ୍ରକୃତ ବିରୋଧୀ ଦଳ ହେବ। ତେବେ ବିଧାୟକ ଦଳ ନେତା ଯିଏ ହେବେ ସେ ତାହାକୁ ସମର୍ଥନ କରିବେ ବୋଲି କହିଛନ୍ତି। ଅନ୍ୟପଟେ କଂଗ୍ରେସ ଟିକଟରୁ ପ୍ରଥମ ଥର ନିର୍ବାଚନ ଲଢ଼ି ବିଧାୟକା ହୋଇଥିବା ସୋଫିଆ ଫିର୍ଦ୍ଦୋସ୍ କହିଛନ୍ତି ବିଜେଡି ସହିତ ବିଜେପିର ମେଣ୍ଟ ସରକାର ୯ ବର୍ଷ ରହିଥିଲା। ତେଣୁ ବିଜେଡି ପ୍ରକୃତ ବିରୋଧୀ ଦଳ ନୁହେଁ, ରାଜ୍ୟରେ ପ୍ରକୃତ ବିରୋଧୀ ଦଳ ଭୂମିକା କଂଗ୍ରେସ ନେବ ବୋଲି ସେ କହିଛନ୍ତି।

ପୂର୍ବ ୨ ଟି ସରକାରରେ କଂଗ୍ରେସର ବିରିଷ୍ଠ ବିଧାୟକ ନରସିଂହ ମିଶ୍ର ବିରୋଧୀ ଦଳ ନେତା ଓ କଂଗ୍ରେସ ବିଧାୟକ ଦଳ ନେତା

**ବିଧାନସଭାରେ କଡ଼ା ଆଭିମୁଖ୍ୟ ପୋଷଣ ନେଇ ଆଲୋଚନା**

ଭାବେ କାର୍ଯ୍ୟ କରି ଆସୁଥିଲେ। ଚଳିତ ଥର ସେ ପ୍ରତ୍ୟକ୍ଷ ରାଜନୀତିରୁ ସନ୍ୟାସ ନେଇ ଥିବାରୁ ତାରା ପ୍ରସାଦ ବାହିନୀପତି ହିଁ ଅଭିଜ୍ଞ ବିଧାୟକ ଭାବେ ବିଜୟୀ ହୋଇଛନ୍ତି। ତେଣୁ ବିଧାନସଭାରେ କଂଗ୍ରେସକୁ ଲିଡ୍ କରିବା ଭଳି ନେତାଙ୍କୁ ଦଳ ଏହି ଦାୟିତ୍ୱ ଦେବାକୁ ଯୋଜନା କରିଥିବା ବେଳେ ଦଳ ପକ୍ଷରୁ ୨ ଜଣ ବରିଷ୍ଠ ବିଧାୟକଙ୍କ ନାଁ ଏଆଇସିସିକୁ ପଠାଯାଇଥିବା ଜଣାପଡ଼ିଛି। ଏଥିରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ରହିଛନ୍ତି।

## ଓଡ଼ିଶାରେ ପରାଜୟର କାରଣ ଖୋଜିବ ଏଆଇସିସି

**ଭୁବନେଶ୍ୱର, ୧୯।୬(ସମିସ):** ରାଜ୍ୟରେ ୨୦୨୪ ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ନୈରାସ୍ୟ ଜନକ ରହିଛି। ଦଳ ମାତ୍ର ୧୪ ଟି ବିଧାନସଭା ଆସନରେ ବିଜୟୀ ହୋଇଥିବା ବେଳେ ମାତ୍ର ଗୋଟିଏ ଲୋକସଭା ଆସନରେ ଜିତିଛି। ଏହାକୁ ଏଆଇସିସି ଦୁର୍ବଳ ପ୍ରଦର୍ଶନ ଭାବେ ଅବିହିତ କରିଥିବା ବେଳେ ଏଭଳି ପ୍ରଦର୍ଶନ ପଛର କାରଣ ଖୋଜିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଦଳ କାହିଁକି

**ଓଡ଼ିଶା ପାଇଁ ୨ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ**

ଓଡ଼ିଶାରେ ଏମିତି ଦୁର୍ବଳ ପ୍ରଦର୍ଶନ କଲା ସେ ବିଷୟରେ କାରଣ ଖୋଜିବା ପାଇଁ ଏଆଇସିସି ପକ୍ଷରୁ ୨ ଜଣ ବରିଷ୍ଠ ନେତା ଅଜୟ ମାକେନ୍ ଓ ତାରିକ୍ ଅନୱରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଦୁଇ ନେତା ଓଡ଼ିଶା ଆସି ଦଳର ପ୍ରଦର୍ଶନ ସମ୍ପର୍କରେ ମାନସ ମନ୍ଥନ କରିବା ପରେ ଏଆଇସିସିକୁ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି। ଏହି ଦୁଇ ନେତା ବିଜୟୀ ଓ ପରାଜୟ ବରଣ କରିଥିବା କିଛି ପ୍ରାର୍ଥୀଙ୍କ ସହ ଦଳର ବରିଷ୍ଠ ନେତାଙ୍କ ସହିତ ଆଲୋଚନା କରିବେ। ୱାନ୍-ଟୁ ୱାନ୍ ଆଲୋଚନା ପରେ କାହିଁକି କଂଗ୍ରେସ ଓଡ଼ିଶାରେ ଆଗକୁ ବଢ଼ିପାରୁ ନାହିଁ ତାହାର କାରଣ ଜାଣିବାକୁ ଚେଷ୍ଟା କରିବେ। ସେମାନଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ ଆଧାରରେ ଏଆଇସିସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଜଣାପଡ଼ିଛି।

**■ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା କଲେ ମନ୍ତ୍ରୀ ରବି ନାୟକ**

# ଦାଦନପ୍ରବଣ ଅଞ୍ଚଳରେ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୬(ସମିସ):** ରାଜ୍ୟବାସୀଙ୍କ ଉନ୍ନତି ତଥା ଗରିବ ଲୋକଙ୍କ କଲ୍ୟାଣ ପାଇଁ ସରକାର ସଂକଳ୍ପବଦ୍ଧ। ଗରିବ ଲୋକଙ୍କ ସମସ୍ୟା ଦୂରକରି ସେମାନଙ୍କ ମୁହଁରେ ହସ ଫୁଟାଇବା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରଧାନ ଆଭିମୁଖ୍ୟ ହେବା ଆବଶ୍ୟକ। ଅର୍ଥ ଆବଣ୍ଟନ ଓ ଦାରିଦ୍ର୍ୟ ଦୂରୀକରଣ ଦୃଷ୍ଟିକୋଣରୁ ଏହି ବିଭାଗ ଗୁରୁତ୍ୱ ବହନ କରୁଛି। ନୂତନ ସରକାରଙ୍କ ସଂକଳ୍ପ ଏବଂ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ଏବଂ ମୁଖ୍ୟତଃ କ୍ଷେତ୍ର ଅଧିକାରୀମାନେ ନିଜ ଦାୟିତ୍ୱକୁ ସଠିକ ଭାବେ ସମ୍ପାଦନ କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ଦାଦନ ରାଜ୍ୟର ଏକ ପ୍ରମୁଖ ସମସ୍ୟା। ଏହାକୁ ନୂତନ ସରକାର

**କ୍ଷେତ୍ରସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ**

ଗମ୍ଭୀରତାର ସହ ନେଇଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ଦାଦନପ୍ରବଣ ଅଞ୍ଚଳରେ ନିଷ୍ଠାର ସହ ପହଞ୍ଚାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବିଭାଗୀୟ ସଚିବ ସୁଶୀଲ କୁମାର ଲୋହାନୀ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ), କେନ୍ଦ୍ର ତଥା ରାଜ୍ୟର ଅନୁଦାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ, ଓର୍ମାସ୍ ପକ୍ଷରୁ ବିଭିନ୍ନ ବିପଣନ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଓର୍ମାସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ଏସ୍ଆଇଆର୍ଡି ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ମାନସ ବସ୍ତିଆ ବିଜେଡିର କୌଣସି କର୍ମକର୍ତ୍ତା ନୁହଁନ୍ତି

**ଭୁବନେଶ୍ୱର, ୧୯।୬(ସମିସ):** ମାନସ ବସ୍ତିଆ ନାମକ ଜନୈକ ବ୍ୟକ୍ତି ନିଜକୁ ବିଜୁଜନତା ଦଳର କର୍ମକର୍ତ୍ତା ଭାବେ ପରିଚୟ ଦେଇ ବିଭିନ୍ନ ଗଣମାଧ୍ୟମରେ ଦଳର ନେତୃବୃନ୍ଦଙ୍କ ବିରୋଧରେ ବିଭିନ୍ନ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛନ୍ତି। ସମ୍ପୃକ୍ତ ବ୍ୟକ୍ତି ବିଜୁ ଜନତା ଦଳର କୌଣସି ପଦ ପଦବୀରେ ନ ଥିବା ବିଜେଡି ପକ୍ଷରୁ କୁହାଯାଇଛି। ତେଣୁ ତାଙ୍କ ମତ ମନ୍ତବ୍ୟକୁ ଦଳର ମତ ସହିତ ଯୋଡ଼ାଯିବ ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏନେଇ ବୁଧବାର ଦଳର ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଏକ ପ୍ରେସବାର୍ତ୍ତା ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।

## ଶ୍ରମିକମାନଙ୍କୁ ସରକାରୀ ସୁବିଧା ପ୍ରଦାନ ଉପରେ ଶ୍ରମମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୬(ସମିସ):** ଶ୍ରମିକମାନଙ୍କୁ ସମସ୍ତ ସୁବିଧାସୁଯୋଗ ଓ ସହାୟତା ହଞ୍ଚାଇବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ନବନିଯୁକ୍ତ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ



କହିଛନ୍ତି। ବୁଧବାର ଖାରବେଳ ଭବନସ୍ଥିତ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ଅଣପଞ୍ଜିକୃତ କାରଖାନା ଏବଂ କ୍ଷୁଦ୍ର କର୍ମଶାଳାଗୁଡ଼ିକୁ ନିୟମିତ ବ୍ୟବଧାନରେ ଯାଇ ସେଗୁଡ଼ିକ ଯାଞ୍ଚ କରିବା ସହ ନିର୍ମାଣ ଓ ତତ୍ସମ୍ବନ୍ଧିତ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ଅନ୍ଲାଇନ୍ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାପାଳମାନଙ୍କୁ ପ୍ରତ୍ୟେକ ମାସରେ ଏକ ସମୀକ୍ଷା ବୈଠକ କରିବାକୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ ପାଇଁ ଥିବା ସୁବିଧାସୁଯୋଗ ବିଷୟରେ ବିଶେଷ କରି ଗ୍ରାମାଞ୍ଚଳର ଲୋକମାନେ ଜାଣିପାରୁ ନାହାନ୍ତି। ସେଥିପାଇଁ ଶ୍ରମ ବିଭାଗ ତରଫରୁ ଆଇଇସି ଆକ୍ଟିଭିଟିକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତା'ସହ ଶିଶୁଶ୍ରମିକ ମୁକ୍ତ ରାଜ୍ୟ ସମ୍ପର୍କରେ ଜନ ସଚେତନତାକୁ ବ୍ୟାପକ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାଦନପ୍ରବଣ ଜିଲ୍ଲାମାନଙ୍କରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ ଏବଂ ନିର୍ଦ୍ଧାରିତ ମଜୁରୀ ପ୍ରଦାନ କରିବାକୁ ମନ୍ତ୍ରୀ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ସାମାଜିକ ଗଣମାଧ୍ୟମ ସାଜିବ ସରକାର ଓ ରୋଗୀଙ୍କ ମଧ୍ୟରେ ସେତୁ**

# ସବୁ ଡାକ୍ତରଖାନାର ଖୋଲିବ ଏକ୍ସ ଆକାଉଣ୍ଟ

**ଭୁବନେଶ୍ୱର, ୧୯।୬(ସମିସ):** ସ୍ୱାସ୍ଥ୍ୟ ସେବାକୁ ନେଇ କିଛି ସମସ୍ୟା ଥିଲେ ଜନତା ସାମାଜିକ ଗଣମାଧ୍ୟମରେ ଅଭିଯୋଗ କରିବେ। ଏହି ଅଭିଯୋଗ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଖରେ ତୁରନ୍ତ ପହଞ୍ଚିବ ଆଉ ଯଥାଶୀଘ୍ର ତାହାର ସମସ୍ୟାର ସମାଧାନ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗତକାଲି ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିବା ଅବସରରେ ପ୍ରତ୍ୟେକ ଡାକ୍ତରଖାନାର ନିଜସ୍ୱ ସାମାଜିକ ଗଣମାଧ୍ୟମ 'ଏକ୍ସ' ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ବିଭାଗୀୟ ଶାସନ ସଚିବ ଶାଲିନି ପଣ୍ଡିତ ସିଡିଏମ୍ଓ/ପିଏଚ୍ଓ, କ୍ୟାପିଟାଲ ହସ୍ପିଟାଲ ଏବଂ ଆରଜିଏଚ୍ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତୁରନ୍ତ ଏକ୍ସ ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଜିଲ୍ଲା ଡାକ୍ତରଖାନା ସମେତ ଉପଖଣ୍ଡ ଡାକ୍ତରଖାନା (ଏସ୍ଡିଏଚ୍), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ସି), ଜନ ସ୍ୱାସ୍ଥ୍ୟ କେନ୍ଦ୍ର

**ଜନତା ପୋଷ୍ଟ କରିବେ, ସରକାର ସମାଧାନ କରିବେ**

(ପିଏଚ୍ସି)ର ମେଡିକାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଏକ୍ସ ଆକାଉଣ୍ଟ ପରିଚାଳିତ ହେବ। ଏହି ସାମାଜିକ ଗଣମାଧ୍ୟମରେ ଯେଉଁ ଅଭିଯୋଗ ଆସିବ ତାହାର ସମାଧାନ କରିବା ପାଇଁ ସମ୍ପୃକ୍ତ ମେଡିକାଲ ଅଫିସର ପଦକ୍ଷେପ ନେବେ। ଆଗାମୀ ତିନି ଦିନ ମଧ୍ୟରେ ଏକ୍ସ ଆକାଉଣ୍ଟ ଖୋଲିବା ସହିତ ତାହାର ବିବରଣୀ ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ଲାଗି ଶ୍ରୀମତି ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ୍ସ ଆକାଉଣ୍ଟ ଏକ ପ୍ରମୁଖ ଯୋଗସୂତ୍ର ଭାବେ କାର୍ଯ୍ୟ କରୁଛି। ଏହା ମାଧ୍ୟମରେ ଜନତା ସରକାରଙ୍କ ପାଖରେ ନିଜର କିମ୍ବା ଜନସାଧାରଣଙ୍କ ସମସ୍ୟା ପହଞ୍ଚାଉଛନ୍ତି। ତେବେ ରାଜ୍ୟରେ ଏକ୍ସ ଆକାଉଣ୍ଟ ବ୍ୟବହାରକାରୀଙ୍କ ସଂଖ୍ୟା ବହୁତ କମ୍ ରହିଛି। ସାଧାରଣତଃ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅନ୍ୟମାନଙ୍କ ସମସ୍ୟା ନିଜ ଏକ୍ସ ଆକାଉଣ୍ଟ ଜରିଆରେ ସରକାରଙ୍କ ନିକଟରେ ପହଞ୍ଚାଉଛନ୍ତି। ଏପରିସ୍ଥଳେ ଏକ୍ସ ଆକାଉଣ୍ଟ ସମସ୍ୟା ସମାଧାନ କରିବାରେ କେତେ ସଫଳ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**■ ସରୁନି ମାଧ୍ୟମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା**

# ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଶିକ୍ଷକ ସଂଘ

**ଭୁବନେଶ୍ୱର,୧୯।୬(ସମିସ):** ୨୦୨୩-୨୪ ଶିକ୍ଷାବର୍ଷରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ବଦଳି ପାଇଁ ଜାନୁଆରୀ ୪ ତାରିଖରୁ ଆବେଦନ ଆରମ୍ଭ ହୋଇଥିଲା। ସମଗ୍ର ବଦଳି ପ୍ରକ୍ରିୟାକୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ସାରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଇତିମଧ୍ୟରେ ତିନିମାସ ଅତିକ୍ରମ କରିଥିବା ବେଳେ ସରିପାରୁନି ବଦଳି ପ୍ରକ୍ରିୟା। ଫଳରେ ଶାରୀରିକ ଅସୁସ୍ଥ ଥିବା ବହୁ ଶିକ୍ଷକଶିକ୍ଷୟିତ୍ରୀ ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି। ତୁରନ୍ତ ବଦଳି ପ୍ରକ୍ରିୟା ସାରିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସ୍ୱଳ୍ପ ସମୟରେ ପ୍ରକ୍ରିୟା ସାରିବାକୁ ଅନ୍ଲାଇନ୍ ମାଧ୍ୟମରେ ଆବେଦନ ହୋଇଥିଲା। ବିନା କୌଣସି ଅସୁବିଧାରେ ବଦଳି ସୁବିଧା ପାଇପାରିବେ ବୋଲି ଲକ୍ଷ୍ୟ ରଖାଯାଇଥିଲା। ଜାନୁଆରୀ ୪ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ଆବେଦନ ଅବଧି ଥିଲା। ଜାନୁଆରୀ ୧୫ରୁ ଫେବ୍ରୁଆରୀ ୧୨ ତାରିଖ ମଧ୍ୟରେ ଡାକ୍ତରୀ ପରୀକ୍ଷା ରିପୋର୍ଟ ସଂଗ୍ରହ କରି ୧୫ ତାରିଖ ମଧ୍ୟରେ ଦାଖଲ କରିବାକୁ ସମୟ ନିର୍ଘଣ୍ଟ କରିବାକୁ ଦର୍ଶାଯାଇଥିଲା। ବଦଳି କାର୍ଯ୍ୟାଦେଶ ଫେବ୍ରୁଆରୀ ୧୮ ତାରିଖରୁ ୨୦ ତାରିଖ ମଧ୍ୟରେ ମିଳିବାକୁ ଥିବାବେଳେ ତାର ଦୁଇ ସପ୍ତାହ ମଧ୍ୟରେ ନୂତନ ବିଦ୍ୟାଳୟରେ ଯୋଗଦେବାକୁ କୁହାଯାଇଥିଲା। ହେଲେ ବଦଳି ପ୍ରକ୍ରିୟା ଲକ୍ଷ୍ୟ ଠାରୁ ଦୂରରେ ରହିଯାଇଛି। ଫଳରେ ଶାରୀରିକ ଅସୁସ୍ଥତା ପାଇଁ ବଦଳିକୁ ଅପେକ୍ଷା କରିଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ବିଭିନ୍ନ ଅସବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ପ୍ରମାଣପତ୍ର ଥିବା ସତ୍ତ୍ୱେ ମାତ୍ରାଧିକ ବିଳମ୍ବ ହେଉଥିବାରୁ ଅସନ୍ତୋଷ ମଧ୍ୟ ବୃଦ୍ଧି ପାଉଛି। ଶୀଘ୍ର ବଦଳି ପ୍ରକ୍ରିୟା ସାରିବାକୁ ମାଧ୍ୟମିକ ଏନ୍ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ପ୍ରଦୀପ୍ତ କୁମାର ପ୍ରଧାନ, ଅମରେନ୍ଦ୍ର ସ୍ୱାଇଁ, ବିଶ୍ୱଜିତ୍ ବିଶ୍ୱାଳ, ପଞ୍ଚାନନ ଜେନା, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରବୀର ପଣ୍ଡା, ଗିରିଜା କୁଣ୍ଡ ଏବଂ ସନ୍ତୋଷ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ନିଶ୍ଚିନ୍ତକୋଇଲି ରଜ ମଉଜ ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି, ୧୯।୬(ସମିସ): ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ହାଇସ୍କୁଲ ପଡ଼ିଆରେ ବେଲେଶ୍ୱରୀ ସାଂସ୍କୃତିକ ପରିଷଦ ପକ୍ଷରୁ ୧୪ତମ ବାର୍ଷିକ ରଜ ମଉଜ କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ସାମ୍ବାଦିକ ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ପଣ୍ଡା, ବଜାର ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ଶିକ୍ଷାବିତ୍ ରମାନାଥ ସାହୁ, ସ୍ତମ୍ଭକାର ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର କୁମାର ସେଠୀଙ୍କ ସଂଯୋଜନାରେ ଚଳଚ୍ଚିତ୍ର ଜଗତର ହାସ୍ୟ ଅଭିନେତା ଜୀବନାନନ୍ଦ ପଣ୍ଡା, ନାୟିକା ଡ. ବନ୍ଦନା ସାହୁ, ନିତୁରାଣୀ ଦାସ, ନିର୍ଦ୍ଦେଶକ ନିରଞ୍ଜନ ବାରିକ ଓ ସମାଜସେବୀ ବରେନ୍ଦ୍ର କୁମାରଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଷଦର ସଭାପତି ରଞ୍ଜନ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ



ଚୌଦ୍ୱାର, ୧୯।୬(ସମିସ): ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭାଗିରଥୀ ମିଶ୍ରଙ୍କ ପୌରୋହିତ୍ୟରେ କଳିଙ୍ଗ ବଜାରସ୍ଥିତ ତ୍ରିନାଥ ମନ୍ଦିରରେ ଅନୁଷ୍ଠିତ ଏହି ବୈଠକରେ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି ସ୍ଥିର କରାଯାଇଥିଲା। ସଂଯୋଜକ ଅକ୍ଷୟ କୁମାର ମିଶ୍ର ସ୍ୱାଗତ ଭାଷଣ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକାରୀ ସମ୍ପାଦକ ଜୟକୃଷ୍ଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ବିଜୟ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

## ଟାଙ୍ଗୀ କଲେଜରେ ସଚେତନତା ଅଭିଯାନ

ଟାଙ୍ଗୀ, ୧୯।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ କଲେଜ ପରିସରରେ ରକ୍ତ ଶିକୁଳି ଜନିତ ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଇକବାଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶରତ କୁମାର ଖୁଣ୍ଟିଆ, ଅମୀୟ କୁମାର ଷଡ଼ଙ୍ଗୀ, ଅଧ୍ୟାପିକା ଡ. ବିଲକେସ ପରବିନ, ବିଷ୍ଣୁପ୍ରିୟା ଦାସ, ଜୟଶ୍ରୀ ମିଶ୍ର, ମନିଷା ମିଶ୍ର ପ୍ରମୁଖ ଯୋଗଦାନ କରି ରକ୍ତ ଶିକୁଳି ଜନିତ ରକ୍ତହୀନତା ନିରାକରଣ ଉପରେ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଲେଜର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ୟୁଥ୍ ରେଡକ୍ରସ ଉପଦେଷ୍ଟା ଡ. ବିଲକେସ ପରବିନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ମକ୍‌ଡ୍ରିଲ୍



ଆଠଗଡ଼, ୧୯।୬(ସମିସ): ଆଠଗଡ଼ ବ୍ଲକ କଟକିଆ ସାହି ଗ୍ରାମପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳରେ ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ ଏକ ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି ମକ ଡ୍ରିଲ କାର୍ଯ୍ୟକ୍ରମରେ ବାତ୍ୟା, ବନ୍ୟା ସମୟରେ କିପରି ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟମାନଙ୍କୁ କିପରି ସାହାଯ୍ୟ କରାଯାଇପାରିବ ସେ ନେଇ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ ଖାଦ୍ୟ, ପାନୀୟଜଳ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ମହଜୁଦ ରଖିବା ନେଇ ଆଲୋଚନା କରାଯାଇଥିଲା। ଉକ୍ତ ମକଡ୍ରିଲରେ ଗ୍ରାମପଞ୍ଚାୟତର ସରପଞ୍ଚ ମାନସୀ ରାଉତ ସଭାପତିତ୍ୱ କରିଥିବା ବେଳେ ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ବିଷ୍ଣୁପ୍ରସାଦ ଖାଡେଙ୍ଗା, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ ସାହୁ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଗାୟତ୍ରୀ ପଣ୍ଡା, କେନ୍ଦ୍ର ଅଧିକାରୀ ଅଗ୍ନିଶମ କାର୍ଯ୍ୟାଳୟ ଚିତ୍ତରଞ୍ଜନ ସେଠୀ ଓ ଉପ ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳୁଛି ନାମ ଫଳକ; ନିର୍ମାଣ ହେଉନି ରାସ୍ତା





କଣ୍ଟାପଡ଼ା, ୧୯।୬(ସମିସ): କଣ୍ଟାପଡ଼ା ବ୍ଲକ ୬୦ନଂ ରାଜ୍ୟ ରାଜପଥଠାରୁ ହନୁମାନ ମନ୍ଦିର ସଲଗ୍ନ ଓଲଟପୁର ଥାନା ଦେଇ ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୧-୨୨ରେ ଆମ ଗାଁ ଆମ ବିକାଶ ଯୋଜନାରେ ୧ଲକ୍ଷ ୩୯ହଜାର ୩୧୬ଟଙ୍କା ବିଲ୍ କରାଯାଇଥିଲା। ଏ ନେଇ ସରକାରୀ ରେକର୍ଡରେ ମଧ ତଥ୍ୟ ରହିଥିବା ବେଳେ। ପୁଣି ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିଶନ ଅର୍ଥରେ ୨ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ସିମେଣ୍ଟ ଢଳେଇ ରାସ୍ତାର କାର୍ଯ୍ୟନିର୍ବାହୀ ଖୋଦ ବିଭାଗୀୟ ଅଧିକାରୀ ରହିଥିବାର ସୂଚନା ଫଳକ ମରାଯାଇଥିବା ସର୍ବସାଧାରଣରେ ସନ୍ଦେହ ସୃଷ୍ଟି କରିଛି। କାରଣ ସେଠାରେ ରାସ୍ତା ନିର୍ମାଣର ଚିହ୍ନ ବର୍ଣ୍ଣ ନାହିଁ। ରାସ୍ତା ନିର୍ମାଣ ନ ହୋଇ ଅଦ୍ୟାବଧି ଉକ୍ତ ରାସ୍ତାଟି ଖାଲଖମା ଓ ପାଣି ଜମି ରହିଥିବା ବେଳେ ସମାନ ରାସ୍ତାକୁ ପୁଣି ୨ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇ ରାସ୍ତା ନିର୍ମାଣର ଫଳକ ଲାଗିଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଘଟଣା ସମ୍ପର୍କରେ କଣ୍ଟାପଡ଼ା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଧନଞ୍ଜୟ ସାମଲଙ୍କୁ ପଚାରିବାରୁ ସେ ୨୦୨୧-୨୨ ସମୟରେ ଏଠାରେ କାର୍ଯ୍ୟ କରୁ ନ ଥିଲେ। ବର୍ତ୍ତମାନ ଲାଗିଥିବା ଫଳକଟି କୋଡ ଅଫ କଣ୍ଡକ୍ଟ ପୂର୍ବରୁ ଲଗାଇ ଦିଆଯାଇଛି ମାତ୍ର ରାସ୍ତା ନିର୍ମାଣ ହୋଇନାହିଁ ଖୁବଶିଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ହେବ ବୋଲି ସୂଚନା ଦେଇଛନ୍ତି। ଏଠାରେ ପ୍ରକାଶ ଥାଉକି ରାସ୍ତା ନିର୍ମାଣ ଆଳରେ ସରକାରୀ ଅର୍ଥ ତୋଷାରପାତ ହେଉଥିବା ଏକ ରକମର ସ୍ପଷ୍ଟ ହୋଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଚାଷ ଜମିରେ ନାହିଁ ଚକ ନାଳ

ଫସଲ ଉତ୍ପାଦନରେ କ୍ଷତି ସହୁଛନ୍ତି ଚାଷୀ

ପୁନରୁଦ୍ଧାର ପାଇଁ ଦାବି



ମାହାଙ୍ଗା, ୧୯।୬(ସମିସ): ସରକାର ଚାଷୀମାନଙ୍କ ନିମନ୍ତେ ବହୁ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ଜଳସେଚନ ନିମନ୍ତେ ଚକ ନାଳର ଘୋର ସମସ୍ୟା ଦେଖାଯାଉଛି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ଅଧୀନ ଜଳେଶ୍ୱରପୁର ଗ୍ରାମର ଜଳସେଚିତ ଜମିରେ। ବହୁ ବର୍ଷ ଧରି ଚକ ନାଳ ନ ଥିବାରୁ ଏହି ଗ୍ରାମର ବହୁ ଚାଷୀମାନେ ନିଜ ଜମିରେ ଜଳ ସେଚନ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଫସଲ ବିଳମ୍ବରେ ଉତ୍ପାଦନ ହେବା ସହ ଚାଷୀ ସଠିକ ପରିମାଣର ଫସଲ ଉତ୍ପାଦନ କରିପାରୁ ନାହିଁ। ସେଥିପାଇଁ ଅନେକ ସମୟରେ ଚାଷୀ ବହୁ କ୍ଷତି ସହୁଛି। ଯଦି ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ଚକ ନାଳଟିକୁ ପୁନଃରୁଦ୍ଧାର କରନ୍ତେ ତେବେ ଚାଷୀମାନେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିବା ସହ ଅଧିକରୁ ଅଧିକ ଲାଭବାନ ହୋଇପାରନ୍ତେ। ଏହି ଚକ ନାଳଟିକୁ ପୁନରୁଦ୍ଧାର ନିମନ୍ତେ ଗ୍ରାମର ଚାଷୀ ଆଲୋକ କୁମାର ମହାନ୍ତି, ବ୍ରଜକିଶୋର ମହାନ୍ତି, ଶିବପ୍ରସାଦ ମହାନ୍ତି, ମାନସ ମହାନ୍ତି, ସୁବ୍ରତ ମହାନ୍ତି, ଅଜୟ ମହାନ୍ତି, କୃପାସିନ୍ଧୁ ମହାନ୍ତି, ରବୀନ୍ଦ୍ର ମହାନ୍ତି, ବିକାଶ ମହାନ୍ତି, ଆଶିଷ ମହାନ୍ତି, ଇନ୍ଦ୍ରମଣି ଲେଙ୍କା, ରଞ୍ଜିତ ଲେଙ୍କା, ଗଗନ ବିହାରୀ ସାମଲ, ବିଜୁନ ସାମଲ, କୃଷ୍ଣଚନ୍ଦ୍ର ସାମଲ, ଜୟଦେବ ବେହେରା, ତ୍ରିଲୋଚନ ବେହେରା, ସୁକୁମାର ପ୍ରଧାନ, ରମେଶଚନ୍ଦ୍ର ସାମଲ, ଉମେଶ ଚନ୍ଦ୍ର ସାମଲ ପ୍ରମୁଖ ଦାବି କରିଛନ୍ତି।

## ବିଧାୟକଙ୍କ ସମୀକ୍ଷା ପରେ ସଚେତନ ହେଲେ ଶିକ୍ଷକ

ନିଶ୍ଚିନ୍ତକୋଇଲି, ୧୯।୬(ସମିସ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ନିଶ୍ଚିନ୍ତକୋଇଲି ବ୍ଲକର ଶିକ୍ଷା ବିଭାଗର ସମୀକ୍ଷା କରିବା ପରେ ବହୁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ସଚେତନ ହୋଇଥିବା ଦେଖାଯାଉଛି। ପୂର୍ବରୁ ବହୁ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବିଳମ୍ବରେ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିଲେ। ବିଧାୟକଙ୍କ ପରାମର୍ଶରେ ବିଇଓଙ୍କ ନିର୍ଦ୍ଦେଶରେ ବୁଧବାର ଦିନ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ସକାଳ ୭ଟା ପୂର୍ବରୁ ଉପସ୍ଥିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହାଛଡ଼ା ଅନେକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ଛାତ୍ର ସଂଖ୍ୟା ଦୈନିକ ରିପୋର୍ଟ ପ୍ରଦାନରେ ଅନିୟମିତତା ଦେଖାଯାଉଥିବାର ଅଭିଯୋଗ ହେଉଥିଲେ ମଧ ଏହାକୁ କେହି ଭ୍ରୂକ୍ଷେପ କରୁ ନ ଥିଲେ। ହେଲେ ବୁଧବାର ଦିନ ବିଦ୍ୟାଳୟ ଗୁଡ଼ିକରେ ଯେତିକି ଛାତ୍ରଛାତ୍ରୀ ଉପସ୍ଥାନ ରହିଥିଲା ସେହି ଅନୁସାରେ ମଧ୍ୟାହ୍ନ ଭୋଜନର ଦୈନିକ ସଠିକ୍ ରିପୋର୍ଟ ପଠାଯାଇଥିବା ଜଣାଯାଇଛି। ଏହି ବ୍ଲକ ଅଞ୍ଚଳରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମଧ ବିଧାୟକଙ୍କ ପରାମର୍ଶକୁ ଖାତିର ନ କରି ବିଳମ୍ବରେ ସ୍କୁଲକୁ ଆସୁଥିବା ଅଭିଯୋଗ ମଧ ହୋଇଛି। ଏଥିପ୍ରତି ମଣ୍ଡଳ ଶିକ୍ଷାଧିକାରୀ ଗୁରୁତ୍ୱ ଦେବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।


## ଅସୁରେଶ୍ୱରରେ କପିଧ୍ୱଜ ରଥ କାର୍ଯ୍ୟ ତ୍ୱରାନ୍ୱିତ

ନିଶ୍ଚିନ୍ତକୋଇଲି, ୧୯।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱର ପଞ୍ଚାୟତ କୋଇଲୋ ଠାରେ ଥିବା ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଶ୍ରୀ ଜୀଉଙ୍କ ନିମନ୍ତେ କପିଧ୍ୱଜ ନାମକ ରଥ ପବିତ୍ର ଅକ୍ଷୟ ତୃତୀୟା ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବୁଧବାର ଅଖରେ ଚକ ଲଗାଯିବା ପୂର୍ବରୁ ପାରମ୍ପରିକ ନୀତି ଅନୁଯାୟୀ ରଥ ଖଳାରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା କାର୍ଯ୍ୟ ଶେଷ ପରେ ଅଖ ଗୁଡ଼ିକରେ ୧୨ଟି ଚକ ଲଗାଯାଇ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ କରାଯାଉଛି। ଶ୍ରୀ ଜୀଉଙ୍କର ପରିଚ୍ଛା ସେବକ ସୁବାଷ ଚନ୍ଦ୍ର ମିଶ୍ର ଓ ପୂର୍ବତନ ପରିଚାଳନା କମିଟିର ଟ୍ରଷ୍ଟି ଦେବେନ୍ଦ୍ରନାଥ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ୧୦ଜଣ କାରିଗର ରଥ କାର୍ଯ୍ୟରେ ଲାଗିଛନ୍ତି। ଶ୍ରୀଗୁଣ୍ଡିଚା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ କରାଯିବା ସହ ଆଡ଼ମ୍ବର ସହକାରେ ଚଳିତ ବର୍ଷ ରଥ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି।



## କାରକୁ ଧକ୍କା ଦେଇ ବ୍ରିଜ୍ ତଳକୁ ଖସିଲା ଟ୍ରକ୍

ଜଣେ ମୃତ, ୪ ଗୁରୁତର



କଟକ, ୧୯।୬(ସମିସ): କାରକୁ ଧକ୍କା ଦେଇ ବ୍ରିଜ୍‌ରୁ ତଳକୁ ଖସିଲା ସିମେଣ୍ଟ ବୋଝେଇ ଟ୍ରକ୍। ବାରଙ୍ଗ ନରଣପୁରସ୍ଥିତ କୁଆଖିଆ ନଦୀ ପୋଲ ଉପରେ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବର୍ତ୍ତମାନ ପର୍ଯ୍ୟନ୍ତ ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣାରେ ଗୁରୁତର ହୋଇଥିବା ୪ ଜଣଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ୨ ଜଣ ପୁରୁଷ ରହିଛନ୍ତି। ଖବର ଅନୁଯାୟୀ ବାରଙ୍ଗ ବାଲିକୁଦାକୁ ସଂଯୋଗ କରୁଥିବା କୁଆଖାଇ ବ୍ରିଜ ଉପରେ ରାତି ପ୍ରାୟ ୨ଟା ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ବାଲିକୁଦା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା କାର ସହ ଧକ୍କା ଦେଇଥିଲା। ଫଳରେ ଟ୍ରକଟି ନିୟନ୍ତ୍ରଣ ହରାଇ ବ୍ରିଜର ସୁରକ୍ଷା ବାଡ଼କୁ ଭାଙ୍ଗି ପ୍ରାୟ ୩୦ ଫୁଟ ତଳକୁ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ କାରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଚାରି ଜଣକୁ ବାରଙ୍ଗ ଅଗ୍ନିଶମ ବାହିନୀ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ ମେଡିକାଲକୁ ପଠାଇଥିଲା। ତେବେ ଟ୍ରକ ଡ୍ରାଇଭରଙ୍କ ଅବସ୍ଥା ମଧ ଗୁରୁତର ରହିଥିବା ଜଣାପଡ଼ିଛି। ଏହି କାରରେ କିଛି ସିରିଏଲ କଳାକାର ଥିଲେ ବୋଲି କୁହାଯାଉଛି। ପରେ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣାର ସଠିକ କାରଣ ଜଣାପଡ଼ି ନ ଥିବା ବେଳେ ଅଣଓସାରିଆ ବ୍ରିଜ ସହିତ ଲାଇଟ ବ୍ୟବସ୍ଥା ନ ଥିବାରୁ ରାତି ବେଳା ଅନେକ ସମୟରେ ଏଭଳି ଦୁର୍ଘଟଣାମାନ ଘଟୁଥିବା ନଜିର ରହିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜ୍ୟୋତିର୍ବିଦ୍

ନିଆଳି, ୧୯।୬(ସମିସ): ଜ୍ୟୋତିଷ ଶାସ୍ତ୍ର ତଥା ବାସ୍ତୁ ଶାସ୍ତ୍ର ଭଳି ସନାତନ ସଂସ୍କୃତିର ଏକ ଉଚ୍ଚକୋଟିର ଶାସ୍ତ୍ରକୁ ଓଡ଼ିଶାର ଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା ପାଇଁ ଗ୍ଲୋବାଲ୍ ଆଷ୍ଟ୍ରୋ ଫାଉଣ୍ଡେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ, ପ୍ରଖ୍ୟାତ ବାସ୍ତୁବିତ୍ ଓ ଜ୍ୟୋତିର୍ବିଦ ଡ. ମୃତ୍ୟୁଞ୍ଜୟ ଦାଶ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ଅବସରରେ ଅନୁରୋଧ କରିଛନ୍ତି। ନିଆଳି ଅଞ୍ଚଳର ଡ. ଦାଶ ଜଣେ ପ୍ରସିଦ୍ଧ ଜ୍ୟୋତିର୍ବିଦ ଭାବେ ପରିଚିତ।



# ଦୋଷ କଲା ସ୍ୱାମୀ, ଗିରଫ ହେଲେ ସ୍ତ୍ରୀ




ମା'କୁ ଝୁରି ଝୁରି ମେଡିକାଲରେ ଭର୍ତ୍ତିହେଲେ ପିଲା

ଟାଙ୍ଗୀ, ୧୯।୬(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାନପୁର ଗ୍ରାମରେ ଜାମିନବିହୀନ ଗିରଫ ନୋଟିସ ବଳରେ ଜଣେ ଅଭିଯୁକ୍ତକୁ ଗିରଫ କରିବାକୁ ଆସି ଟାଙ୍ଗୀ ପୁଲିସ ମରଣାନ୍ତକ ଆକ୍ରମଣର ଶିକାର ହେବା ଅଭିଯୋଗ ଆଧାରରେ ଆସାମୀକୁ ନ ପାଇ ୩ ଜଣ ମହିଳାଙ୍କୁ ଗିରଫ ପୂର୍ବକ ପୁଲିସ କୋର୍ଟଚାଲାଣ କରିବା ପ୍ରତିବାଦରେ ଗ୍ରାମବାସୀଙ୍କ ତରଫରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଥାଉକି ଏକ ପୁରୁଣା ମାମଲାରେ କାନପୁର ଗ୍ରାମର ବିଜୟ ରାଉତରାୟ ହାଜର ନ ହେବାରୁ ଜାମିନ ବିହୀନ ଗିରଫ ନୋଟିସ ଅଦାଲତଙ୍କ ପକ୍ଷରୁ ଜାରୀ ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଟାଙ୍ଗୀ ପୁଲିସର ଏକ ଟିମ୍ ଗତ ୧୧ତାରିଖ ରାତିରେ ବିଜୟଙ୍କ ଘର ଉପରେ ଚଢଉ କରିଥିଲା। ବିଜୟ ଘଟଣାସ୍ଥଳରେ ନ ଥିବାରୁ ପରିବାରର ସଦସ୍ୟମାନେ ପୁଲିସ ଉପରେ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ମାମଲା ରୁଜୁ କରି ଛୋଟପିଲା ଥିବା ତିନିଜଣ ମହିଳାଙ୍କୁ ଗିରଫ କରିଥିଲେ। ପୀଡ଼ିତ ପୁଲିସ ଅଧିକାରୀଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ପୂର୍ବକ ଟାଙ୍ଗୀ ପୁଲିସ ୩ଜଣ ମହିଳାଙ୍କୁ ବୁଧବାର ୧୨ ତାରିଖରେ କୋର୍ଟ ଚାଲାଣ କରିଥିଲେ। ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୁଲିସ ଚେତାବନୀ ଦେଇଥିଲା। ଏହାକୁ କେନ୍ଦ୍ରକରି କାନପୁର ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱାମୀ ଦୋଷ କରି ଫେରାର ହେବା ଏବଂ ଛୋଟ ଶିଶୁଥିବା ମହିଳାଙ୍କ ଗିରଫଦାରୀ ଯୋଗୁଁ ସରକାରଙ୍କୁ ତୀବ୍ର ସମାଲୋଚନା ପୂର୍ବକ ପୀଡ଼ିତ ପରିବାର ଏକ ସାମ୍ବାଦିକ ସମ୍ମିଳନୀର ଆଶ୍ରୟ ନେଇ ନିଜର ଦୁଃଖ ଜଣାଇବା ସହ ଅନ୍ୟାୟରେ ମିଛ ମୋକଦ୍ଦମା କରି ଛୋଟ ଛୋଟ ପିଲାଥିବା ମା' ମାନଙ୍କୁ ଗିରଫ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ମା' କ୍ଷୀର ଖାଉଥିବା ଶିଶୁମାନେ ମା'କୁ ନ ପାଇ କାନ୍ଦି କାନ୍ଦି ନ ଖାଇ ଅସୁସ୍ଥ ହୋଇ ଟାଙ୍ଗୀ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜାଣିବାକୁ ମିଳିଛି। ମା'ମାନେ କେବେ ଜେଲରୁ ବାହାରିବେ ଛୋଟ ପିଲାମାନେ ଓ ପରିବାର ବର୍ଗ ଅନାଇ ବସିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳରେ ସାମୂହିକ ଅଭ୍ୟାସ

ନିଶ୍ଚିନ୍ତକୋଇଲି, ୧୯।୬(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଏବଂ ଆଶ୍ରୟସ୍ଥଳ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ମିଳିତ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ତିନୋଟି ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳ ପରିସରରେ ସାମୂହିକ ଅଭ୍ୟାସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିଶ୍ଚିନ୍ତକୋଇଲି ଅଗ୍ନିଶମ ଅଧିକାରୀ ପ୍ରସନ୍ନ କୁମାର ପରିଜାଙ୍କ ନେତୃତ୍ୱରେ କର୍ମଚାରୀ ପ୍ରସାଦ କୁମାର ବେହେରା, ରବୀନ୍ଦ୍ରନାଥ ଲେଙ୍କା, ମନୋଜ କୁମାର ଲେଙ୍କା, ଶୁଭଙ୍କର ସେଠୀ ପ୍ରମୁଖ ବନ୍ୟା, ବାତ୍ୟା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନେ ନିଜକୁ କିପରି ରକ୍ଷା କରିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ ସେ ସଂକ୍ରାନ୍ତରେ ମକ୍‌ଡ୍ରିଲ ମାଧ୍ୟମରେ ଡେମୋ ପ୍ରଦର୍ଶନ କରି ଲୋକମାନଙ୍କୁ ସଚେତନତା କରାଇଥିଲେ। ଦାଉଦପୁର ବାତ୍ୟା ଆଶ୍ରୟସ୍ଥଳରେ ସମିତିର ସଭାପତି ଲଳିତେନ୍ଦୁ ବିଶୋଇଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ନୋଡାଲ ଅଫିସର ରାଜସ୍ୱ ପରିଦର୍ଶକ ଅମ୍ବୁଜ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀ, ଅଗ୍ନିଶମ ଅଧିକାରୀ ପ୍ରସନ୍ନ କୁମାର ପରିଜା, ସମ୍ପାଦକ ରବିନାରାୟଣ ନାୟକ, ସମିତିସଭ୍ୟ ଆଶିଷ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇବା ପାଇଁ ସଚେତନତା କରାଇଥିଲେ। ସେହିପରି ସିର୍ଲୋ ବାତ୍ୟା ଆଶ୍ରୟସ୍ଥଳରେ ସମିତିର ସଭାପତି ସିପ୍ରା ଭୋଇଙ୍କ ପୌରୋହିତ୍ୟରେ ନୋଡାଲ ଅଫିସ କିଶୋରନଗର ତହସିଲଦାର କ୍ଷୀରୋଦ କୁମାର ଦାସ ଓ ସମ୍ପାଦକ ସୁରଥ କୁମାର ବେହେରା ସଚେତନତା କରାଇଥିବାବେଳେ ନଗସପୁର ବାତ୍ୟା ଆଶ୍ରୟସ୍ଥଳରେ ସଭାପତି ପୁଷ୍ପଲତା ମଲିକଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ନୋଡାଲ ଅଫିସର ଅତିରିକ୍ତ ତହସିଲଦାର ଅଭୟ ପ୍ରତିହାରୀ, ସମ୍ପାଦକ ଯଯାତି କେଶରୀ ଭୂୟାଁ, ସମିତିସଭ୍ୟ ଦେବେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ହୋଇ ଜନସଚେତନତା ସୃଷ୍ଟି କରିଥିଲେ।



### ବାଲିଚନ୍ଦ୍ରପୁର-ପୁରୁଷୋତ୍ତମପୁର କେନାଲବନ୍ଧ

# ୧୦୫ କୋଟିର ଉନ୍ନତିକରଣ କାର୍ଯ୍ୟରେ ଅନିୟମିତତା





**ମାହାଙ୍ଗା, ୧୯।୬(ସମିସ)**

ବାଲିଚନ୍ଦ୍ରପୁର ଜଳସମ୍ପଦ କାର୍ଯ୍ୟାଳୟ ଅଧୀନ ବାଲିଚନ୍ଦ୍ରପୁର-ପୁରୁଷୋତ୍ତମପୁର କେନାଲବନ୍ଧ ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ଏହି ଉନ୍ନତିକରଣ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ୧୦୫ କୋଟି ଟଙ୍କାର ଟେଣ୍ଡର କରାଯାଇ ରାସ୍ତା କାର୍ଯ୍ୟ ଚାଲୁ ରହିଛି। ଏଥିରେ ୨.୫ କିମି ମେଟାଲ ମୋହରମ କାର୍ଯ୍ୟ ଥିବାବେଳେ ୫୦୦ ମିଟର ଢଳେଇ ରାସ୍ତା କାର୍ଯ୍ୟ ନିମନ୍ତେ ବ୍ୟୟବରାଦ କରାଯାଇଛି। ହେଲେ ଏହି କାର୍ଯ୍ୟରେ ମୋହରମ କାର୍ଯ୍ୟ କରାଯାଇଥିଲା ବେଳେ ଏଥିରେ ଅତି ନିମ୍ନମାନର ମୋରମ୍ ପକାଯାଇଥିବା ଦେଖିବାକୁ ମିଳିଛି। ସେହିପରି ସଠିକ୍ ଭାବେ ମୋରମ କାର୍ଯ୍ୟରେ ରୋଲିଂ କରାଯାଇ ନ ଥିବାରୁ

**● ରାସ୍ତା ମାଟି ଉଠାଇ ଚାଲିଛି ପ୍ୟାଚ୍ କାମ**
**● ନାହିଁ ସୂଚନାଫଳକ; ଆଗେଇ ପାରୁନି କାମ**

ବହୁ ସ୍ଥାନରେ ଖାଲଢ଼ିପ ଦେଖିବାକୁ ମିଳିଛି। ସେହିପରି ମୋହରମ କାର୍ଯ୍ୟରେ ସଠିକ ମୋଟେଇର ମୋରମ ପଡ଼ି ନ ଥିବାରୁ ସାମାନ୍ୟ ବର୍ଷାରେ ଏହା ଧୋଇ ଯିବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ସଠିକ୍ ଭାବେ ମାଟି ନ ପଡ଼ିବାରୁ ରାସ୍ତା କଡକୁ ମାଟି ଧସେଇ ଯିବାର ମଧ୍ୟ ଦେଖିବାକୁ ମିଳିଛି। ଯାହାକୁ ନେଇ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଢଳେଇ କାର୍ଯ୍ୟ ୫୦୦ ମିଟର ହେବା ସ୍ଥାନରେ ବର୍ତ୍ତମାନ ସୁଦ୍ଧା ୪୦୦ ମିଟର କାର୍ଯ୍ୟ ହୋଇଥିବା ବେଳେ ଆହୁରି ପାଖାପାଖି ୧୦୦ ମିଟର ଢଳେଇ ରାସ୍ତା ହୋଇ ନ ଥିବା ଦେଖିବାକୁ ମିଳିଛି। ସେହିପରି ରାସ୍ତା କାର୍ଯ୍ୟରେ ସୂଚନା ଫଳକ ମାରିବାର ନିୟମ ଥିବାବେଳେ ଏଠାରେ କାହିଁକି ମରାଯାଇ ନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଦୀର୍ଘ ୧ ମାସ ପୂର୍ବେ ଉକ୍ତ ଢଳେଇ ରାସ୍ତା କାର୍ଯ୍ୟ ହୋଇଥିଲା ବେଳେ ସମ୍ପୃକ୍ତ ଠିକାଦାର ଆଉ କାର୍ଯ୍ୟ ନ କରି ଉଭାନ ହୋଇଯାଇଥିବା ଜଣାଯାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସେହିପରି ରାସ୍ତାକଡ଼ରେ ଅନ୍ୟ ସ୍ଥାନରୁ ମାଟି ଆଣି ପକାଇବାର ନିୟମ ଥିବା ବେଳେ କେନାଲ ବନ୍ଧ କଡ଼ରୁ ମାଟି ଆଣି ରାସ୍ତା କଡରେ ପକାଯାଉଛି। ଫଳରେ କେନାଲ ବନ୍ଧ ଦୁର୍ବଳ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସମ୍ପୃକ୍ତ ଯନ୍ତ୍ରୀ ରାସ୍ତା କାର୍ଯ୍ୟରେ ନିୟନ୍ତ୍ରଣ ନ କରିବାରୁ ସମ୍ପୃକ୍ତ ଠିକାଦାର ମନମୁଖୀ ଭାବେ ରାସ୍ତା କାର୍ଯ୍ୟ ଚାଲୁ ରଖିଥିବା ଦେଖିବାକୁ ମିଳିଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ଏହି କାର୍ଯ୍ୟ କିପରି ଶେଷ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀଙ୍କୁ ଯୋଗଯୋଗ କରିବାରୁ ଖୁବ୍ ଶୀଘ୍ର ଏହି କାର୍ଯ୍ୟ କରାଯିବ ବୋଲି କହିବା ସହ ଯଦି ସମ୍ପୃକ୍ତ ଠିକାଦାର କେନାଲ କଡରୁ ମାଟି ଉଠାଇ ରାସ୍ତା କଡରେ ପକାଉଥିବେ ଏହା ସମ୍ପୂର୍ଣ୍ଣ ବେଆଇନ। ଏନେଇ ତଦନ୍ତ ହେବ ବୋଲି କହିଥିଲେ। ସୂଚନା ଫଳକ ସମ୍ପର୍କରେ ପଚାରିବାରୁ ମୁଁ ପରେ କଥା ହେବି ବୋଲି କହି ଫୋନ୍‌ଟି କାଟି ଦେଇଥିଲେ।

## ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଧମକ ଘଟଣା: ଯୁବକ ଗିରଫ

**ସାଲେପୁର, ୧୯।୬(ସମିସ):** ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ମୃଦୁପାନୀୟରେ ନିଶା ଦେଇ ଦୁର୍ଷ୍କର୍ମ କରିବା ଓ ୫୦ ହଜାର ଟଙ୍କା ନ ଦେଲେ ଉକ୍ତ ସମୟର ଭିଡ଼ିଓକୁ ସୋସିଆଲ୍ ମିଡ଼ିଆରେ ଭାଇରାଲ କରିବାକୁ ଧମକ ଦେବା ଅଭିଯୋଗରେ ଆଜି ସାଲେପୁର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଧନୁପଡ଼ା ଗ୍ରାମର ଜଣେ ମହିଳା ଚେନ୍ନାଇରେ କାମ କରୁଥିବା ନିଜ ସ୍ୱାମୀ ପାଖରେ ରହୁଥିବାବେଳେ ସମ୍ବଲପୁର ଜିଲ୍ଲାର ସଂଜିତ ସୁରୁଜାଲିଆ ନିଜର ୨ ସହଯୋଗୀଙ୍କ ସହାୟତାରେ ପୀଡ଼ିତା ମହିଳାଙ୍କ ସ୍ୱାମୀଙ୍କ ସହ ପରିଚିତ ହୋଇ ତାଙ୍କ ଭଡ଼ାଘରକୁ ଯିବା ଆସିବା କରୁଥିଲେ। ଦିନେ ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ମହିଳାଙ୍କୁ ସଂଜିତ୍ ଥଣ୍ଡାରେ ନିଶା ଦେଇ ତାକୁ ଦୁଷ୍କର୍ମ କରିବା ସହ ସେହି ସମୟର ଘଟଣାକୁ ମୋବାଇଲରେ ଉତ୍ତୋଳନ କରି ଅନ୍ୟ ୨ ସହଯୋଗୀଙ୍କ ସହାୟତାରେ ତାଙ୍କଠାରୁ ବିଭିନ୍ନ ସମୟରେ ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଯାଇଥିଲେ। ଶେଷରେ ଅତିଷ୍ଠ ହୋଇ ମହିଳା ଜଣକ ଚେନ୍ନାଇରୁ ନିଜ ଘରକୁ ପଳାଇ ଆସିଥିବାବେଳେ ସଂଜିତ୍ ମହିଳାଙ୍କ ଠିକଣା ସଂଗ୍ରହ କରି ତାଙ୍କ ଘରେ ପହଞ୍ଚି ୫୦ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଅଶ୍ଳୀଳ ଭିଡ଼ିଓକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିବା ନେଇ ମହିଳା ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୨୬୧/୨୦୨୪ରେ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ୍ ସମ୍ବଲପୁର ଗସ୍ତ କରି ସମ୍ବଲପୁର ମହୁଲିପାଲି ଅଞ୍ଚଳର ସଂଜିବ ସୁରଜାଲିଆ (୨୬)କୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଜଣାଯାଇଛି।

## କୂଅରେ ପଡ଼ି ବୃଦ୍ଧ ମୃତ

**ଆଠଗଡ଼, ୧୯।୬(ସମିସ):** ଆଠଗଡ଼ ସୀମାବର୍ତ୍ତୀ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଦେଓପଡ଼ା ଗ୍ରାମରେ ବୁଧବାର ଭୋର ସମୟରେ ଗଭୀର କୂଅରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦେଓପଡ଼ା ଗ୍ରାମର କିଶୋରଚନ୍ଦ୍ର ମହାପାତ୍ର (୭୨) ଭୋର ସମୟରେ ଶୌଚ ହେବାକୁ ଯାଇ ନିଜ ଘର ପଛପଟରେ ଥିବା ପ୍ରାୟ ୩୦ ଫୁଟ ଗଭୀର କୂଅରେ ଖସିପଡ଼ିଥିଲେ। ପରିବାର ଲୋକ ଜାଣିବା ପରେ ତାଙ୍କ ପୁଅ କୂଅରେ ପଶି ଉଦ୍ଧାର କରି ନ ପାରି ତାଙ୍କୁ ଟେକି ଧରିଥିଲେ। ଖବର ପାଇ ଆଠଗଡ଼ ଦମକଳବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିକ ଅନୁଜ ସେଠୀ କୂଅ ମଧ୍ୟକୁ ରଶି ସିଡି ମାଧ୍ୟମରେ ପଶି ବୃଦ୍ଧଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ଉପରକୁ ଆଣିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆଠଗଡ଼ ଡାକ୍ତରଖାନା ନିଆଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଥିଲେ।

## ଯୋଗଦିବସ ପାଳନ ନିମନ୍ତେ ସଚେତନତା



**ସାଲେପୁର, ୧୯।୬(ସମିସ):** ସାଲେପୁର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଆସନ୍ତା ୨୧ତାରିଖରେ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ସାଲେପୁରଠାରେ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତିର ରାଜ୍ୟ କିଶାନ୍ ପ୍ରଭାରୀ ଏସ୍‌ପିଡିଆର ମହାପାତ୍ର, ପତଞ୍ଜଳି ଯୋଗ ସମିତିର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତି, ସଂଗ୍ରାମ କେଶରୀ କର, ଅରୁଣ ରଞ୍ଜନ ନାୟକ, ଉମାକାନ୍ତ ଦାଶ, କାମଦେବ କର, ପ୍ରଭାତ ଭୂୟାଁ, ଦିବାକର ସ୍ୱାଇଁ, ଲୋଲୁପ ବିଶ୍ୱାଳ, ଅମରଜିତ ସାହୁ, ପରମାନନ୍ଦ ମହାରଣା, ରଞ୍ଜନ କୁମାର ରାଉତ, ଜଗବନ୍ଧୁ ଦାସ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ଲାକାର୍ଡ ବ୍ୟାନର ଧରି ଲୋକମାନଙ୍କୁ ସଚେତନତା କରାଇଥିଲେ। ଦୈନିକ ଜଣେ ବ୍ୟକ୍ତି ଯୋଗକଲେ ନିଶ୍ଚିତ ନିରୋଗ ହୋଇ ରହିବେ ବୋଲି ଲୋକମାନଙ୍କୁ ପରାମର୍ଶ ଦେବା ସହ ଆସନ୍ତା ୨୧ତାରିଖ ଦିନ ସାଲେପୁର ହାଇସ୍କୁଲ ଖେଳ ପଡ଼ିଆରେ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସରେ ଯୋଗାଭ୍ୟାସ କରିବାପାଇଁ ଲୋକମାନଙ୍କୁ ସଚେତନତା କରାଇଥିଲେ।

## ଠିକାଦାର ଭାଙ୍ଗିଦେଲେ ପାଇପ୍

**ମାହାଙ୍ଗା, ୧୯।୬(ସମିସ):** ସାଧାରଣ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃପୁର ପଞ୍ଚାୟତ ଅଧୀନ ଗୋବରୀକୁଳ ଗୋପବନ୍ଧୁ ବଜାରଠାରେ। ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ପାନୀୟ ଜଳ ପାଇପ ଫଟେଇ ଦେଇଥିବାରୁ ବର୍ତ୍ତମାନ ରାସ୍ତାରେ ପାଣି ଭାସୁଛି। ପାଇପ ଫାଟି ଯାଇଥିବାରୁ ଅନ୍ୟ ଗାଁକୁ ଯାଉଥିବା

**● ପାଣି ରାସ୍ତାରେ ଭାସୁଛି; ମରାମତି ଦାବି**



ପାଣିରେ ଆବର୍ଜନା ମିଶୁଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଏହି ବଜାରରେ ଏକ ପାଣି ଟାଙ୍କି ବଜାର କମିଟି ସାହାଯ୍ୟ ସହଯୋଗରେ ନିର୍ମାଣ କରାଯାଇଥିଲା। ଏହି ପାନୀୟ ଜଳ ଉପରେ ପ୍ରତ୍ୟହ ଶତାଧିକ ଲୋକ ନିର୍ଭର କରିଥାନ୍ତି। ବାଟୋଇ ଏବଂ ବିଭିନ୍ନ ସ୍କୁଲ ଓ କଲେଜର ବହୁ ଛାତ୍ରଛାତ୍ରୀ ମଧ୍ୟ ଏହି ପାନୀୟ ଜଳ ଉପରେ ନିର୍ଭର କରିଥାନ୍ତି। ମାତ୍ର ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ହେଉଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରିବା ସମୟରେ ଏହି ପାଣିଟାଙ୍କିକୁ ସଂଯୋଗ କରୁଥିବା ପାଇପକୁ ଠିକାଦାର ଭାଙ୍ଗି ଦେଇଛନ୍ତି। ପ୍ରଚଣ୍ଡ ଖରାରେ ବାଟୋଇ ଓ ଛାତ୍ରଛାତ୍ରୀ ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଥିଲେ ମଧ୍ୟ ଏହାକୁ ମରାମତି କରାଯାଉ ନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ପାନୀୟ ଜଳରୁ ବଞ୍ଚିତ ହେଉଥିବା ଗ୍ରାମର କେତେକ ବ୍ୟକ୍ତି ସୁରେନ୍ଦ୍ର ମହାନ୍ତି, ଉମେଶ ଭଞ୍ଜ, ମନୋରଞ୍ଜନ ବିଶ୍ୱାଳ, ପତନ କୁମାର ମହାନ୍ତି, ହରିହର ସାହୁ, ଧ୍ରୁବଚରଣ ଜେନା, ହରିହର ଦାସ, ଜିତେନ୍ଦ୍ର କୁମାର ଦାସ ପ୍ରମୁଖ ଦାବି କରିଛନ୍ତି।

## ସାଂସଦ ଓ ଆଇନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆଠଗଡ଼, ୧୯।୬(ସମିସ):** ଆଠଗଡ଼ ମହୋତ୍ସବ ପଡ଼ିଆରେ ବୁଧବାର ସନ୍ଧ୍ୟାରେ କଟକ ସାଂସଦ ଓ ରାଜ୍ୟ ଆଇନମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବୁଧବାର ସନ୍ଧ୍ୟାରେ କଟକ ସାଂସଦ ଭର୍ତ୍ତୃହରି ମହତାବ ଓ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ସ୍ଥାନୀୟ ରଥଗଡ଼ା ନିକଟସ୍ଥ ବିଜେପି ଦଳୀୟ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ଶତାଧିକ କର୍ମୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଉଭୟଙ୍କୁ ମହୋତ୍ସବ ପଡ଼ିଆକୁ ନିଆଯାଇ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗତ କିଛିଦିନ ତଳେ ହୋଇଥିବା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ବିଜେପି ପ୍ରାର୍ଥୀ ଅଭୟ କୁମାର ବାରିକ, କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି ଓ ବହୁ ନେତୃମଣ୍ଡଳୀ ଉଭୟ ସାଂସଦ ଓ ମନ୍ତ୍ରୀଙ୍କ ଗୁଣଗାନ କରିବା ସହ ଦଳର ସଫଳତା ସଂପର୍କରେ ବକ୍ତବ୍ୟ ରଖିଥିଲେ।

## ଗେଙ୍ଗୁଟି ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ମାହାଙ୍ଗା, ୧୯।୬(ସମିସ):** କଟକ ଜିଲ୍ଲା ମାହାଙ୍ଗା ଥାନା କୁମୁଡ଼ାଜୟପୁର ଫାଣ୍ଡି ଅଧୀନ ବଡଗେଙ୍ଗୁଟି ନଦୀରୁ ଆଜି ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆଜି ଦିନରେ ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ କୁମୁଡ଼ା ଜୟପୁର ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ଓ କୁଆଁପାଳ ଦମକଳ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମୃତବ୍ୟକ୍ତି ଜଣଙ୍କ ଧଉଳିଆ ଗ୍ରାମର ପୁନାନନ୍ଦ ଦାସ ବୋଲି ଜଣାପଡ଼ିଛି। ଆଜି ଦିନରେ ସେ ଜୟପୁର ବଜାର ଅଭିମୁଖେ ଯାଇ ଶୌଚ ହେବାକୁ ବଡ ଗେଙ୍ଗୁଟି ନଦୀକୁ ଯାଇଥିଲେ ସେଠାରେ ତାଙ୍କର ଗୋଡ ଖସିଯିବାରୁ ପାଣିରେ ବୁଡି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୁଲିସ ପକ୍ଷରୁ ଶବ ଜବତ କରାଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଦର ବ୍ଲକ୍‌ରେ ବିପର୍ଯ୍ୟୟ ମୁକାବିଲା ମକ୍ ଡ୍ରିଲ୍

**କଟକ, ୧୯।୬(ସମିସ):** କଟକ ସଦର ବ୍ଲକ ପ୍ରଶାସନ ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ୪୨ମୌଜାର ଝାରକଟା ପଞ୍ଚାୟତସ୍ଥିତ ଏକମାତ୍ର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଚାଉଳିଆଗଞ୍ଜସ୍ଥିତ ଅଗ୍ନିସେବା କେନ୍ଦ୍ର ସହଯୋଗରେ ବନ୍ୟା, ବାତ୍ୟା ସମୟରେ କିପରି ଉଦ୍ଧାର କାର୍ଯ୍ୟ ହୋଇପାରିବ ସେଥିପାଇଁ ସ୍ଥାନୀୟ ଜନସାଧାରଣ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ଛାତ୍ରଛାତ୍ରୀଙ୍କୁ ମକଡ୍ରିଲ୍ କରି ସଚେତନତା କରାଯାଇଥିଲା। ଏଥିରେ ଉଚ୍ଚ ସ୍ଥାନରୁ ଉଦ୍ଧାର କାର୍ଯ୍ୟ, ଘଡଘଡି ବିଜୁଳି ମାରୁଥିବା ସମୟରେ କିପରି ନିଜକୁ ବଞ୍ଚାଇବେ, ନିଆଁକୁ କିପରି ଆୟତ୍ତ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇବା ସହ ଏହି ବିପଦ ସମୟରେ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସଦର ବ୍ଲକ ବିଡିଓ ରୁମାନା ଜାଫ୍ରିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ବେଣ୍ଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡ. ଶୁଭାଶିଷ ଶତପଥୀ, ଫାୟାର ଅଫିସର ବିକାଶ ସାହୁ, ସଦର ବ୍ଲକ ପାଇଁ ନିଯୁକ୍ତ ଟ୍ରେନର ସତ୍ୟକାମ ମହାନ୍ତି, ସ୍ଥାନୀୟ ସରପଞ୍ଚ ଶିଶିର କୁମାର ରାଉତ, ଝାରକଟା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ ଦାସ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀରବର ଲେଙ୍କା ପ୍ରମୁଖଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତ ଥିଲେ।



## ଅସରାଏ ବର୍ଷାରେ ଗାଁ ଦାଣ୍ଡରେ ପାଣିର ଲହଡ଼ି

**ନିଶ୍ଚିନ୍ତକୋଇଲି, ୧୯।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମ୍ୟ ରାସ୍ତାରେ ଟିକିଏ ବର୍ଷା ହେଲେ ପାଣିର ଲହଡ଼ି ମାଡୁଛି। ଦୀର୍ଘ ବର୍ଷ ହେବ ଗାଁ ଦାଣ୍ଡରେ ବର୍ଷା ପାଣିର ନିଷ୍କାସନ ବ୍ୟବସ୍ଥା ହୋଇପାରୁ ନ ଥିବାରୁ ଗ୍ରାମବାସୀ ତଥା ଅନ୍ୟାନ୍ୟ ବାଟୋଇମାନେ ଯାତାୟତ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ଗ୍ରାମ୍ୟ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲା ବେଳେ ଥରେ ବର୍ଷା ହେଲେ ଏକ ସପ୍ତାହ ପର୍ଯ୍ୟନ୍ତ ପାଣି ଜମି ରହୁଛି।

**● ଯାତାୟାତରେ ଗ୍ରାମବାସୀ ହନ୍ତସନ୍ତ**



ଏହି ରାସ୍ତାରୁ ଜଳ ନିଷ୍କାସନ କରିବା ପାଇଁ ଦୀର୍ଘ ୫ବର୍ଷ ହେବ ଗ୍ରାମବାସୀମାନେ ବର୍ତ୍ତମାନର ସରପଞ୍ଚ ଓ ତତକାଳୀନ ବିଧାୟକଙ୍କ ନିକଟରେ ଗୁହାରି କରି ଆସୁଥିଲେ ମଧ୍ୟ ଏହା କରାଯାଉନାହିଁ। ନିର୍ବାଚନ ପୂର୍ବରୁ ଅନେକ ଥର ସରପଞ୍ଚଙ୍କ ପକ୍ଷରୁ ଗ୍ରାମବାସୀମାନଙ୍କୁ ଡ଼କାଯାଇ ରାସ୍ତାରୁ ଜଳ ନିଷ୍କାସନ କରାଯିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ ନିମନ୍ତେ ପ୍ରତିଶ୍ରୁତି ଦିଆଯାଉଥିଲା ବେଳେ ନିର୍ବାଚନ ପରେ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଗ୍ରାମ୍ୟ ରାସ୍ତାଟି ୨ଶହରୁ ୩ ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ହୋଇଥିଲା ବେଳେ କଣ ପାଇଁ ଉକ୍ତ ରାସ୍ତାର ଉନ୍ନତିକରଣ କରାଯାଉନାହିଁ ସେ ନେଇ ପ୍ରଶ୍ନ ଉଠିଛି। ମଙ୍ଗଳବାର ଅପରାହ୍ନରେ ଗୋଟିଏ ଅସରା ବର୍ଷାରେ ଏହି ରାସ୍ତାରେ ଏକଫୁଟ ପାଣି ଜମି ରହିଥିବା ବେଳେ ଲୋକମାନେ ଏହି ପାଣି ଭିତରେ ପଶି ଯାତାୟତ କରୁଛନ୍ତି। ଏକ ସପ୍ତାହ ଧରି ପାଣି ଜମି ରହୁଥିବାରୁ ଏହା ମଧ୍ୟରେ ଥିବା ଅଳିଆ ଆବର୍ଜନା ପଚିସଢି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ଯେଉଁଥିରେ ଲୋକମାନେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଏହି ଆବର୍ଜନାମୟ ପାଣିରେ ଯାତାୟତ କରିବା ଦ୍ୱାରା ଗ୍ରାମବାସୀମାନେ ଥଣ୍ଡା ଜନିତ ଓ ଚର୍ମ ଜନିତ ରୋଗରେ ଶିକାର ହେଉଛନ୍ତି। ତୁରନ୍ତ ଏହି ଗ୍ରାମ୍ୟ ରାସ୍ତାକୁ ଉନ୍ନତିକରଣ କରି ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି ହୋଇଛି।

### ଉଦ୍‌ଘାଟନକୁ ବିତିଲା ୧୦ ବର୍ଷ

## କାମରେ ଲାଗୁନି ପ୍ରାଣୀଧନ ସହାୟକ କେନ୍ଦ୍ର

**ନିଆଳି, ୧୯।୬(ସମିସ)**



ଦୀର୍ଘ ୧୦ ବର୍ଷ ତଳେ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ନିର୍ମାଣ ହୋଇଥିବା ନୂଆଗାଁ ପ୍ରାଣୀଧନ ସହାୟକ କେନ୍ଦ୍ରଟି ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଏବେ ବି ଏହା କାମରେ ଲାଗୁ ନ ଥିବା ଦେଖିବାକୁ ମିଳିଛି। ତତ୍‌କାଳୀନ ନିଆଳି ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକଙ୍କ ଦ୍ୱାରା ୨୦୧୩ ମାର୍ଚ୍ଚ ୬ ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନ ହେବାର ୧୦ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ କେନ୍ଦ୍ରର ତାଲା ଖୁଲୁଛି। ବର୍ତ୍ତମାନ ଏହି କେନ୍ଦ୍ରର ପରିସରରେ ଗଛଲତା ମାଡ଼ି ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇଥିବାବେଳେ ୧୦ବର୍ଷ ମଧ୍ୟରେ ଥରୁଟିଏ ମଧ୍ୟ ଜନସାଧାରଣଙ୍କ କାମରେ ଲାଗିନି। ଫଳରେ ସ୍ଥାନୀୟ ଅଞ୍ଚଳର ଗୋ-ଚାଷୀ ମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ନୂଆଗାଁ ପଞ୍ଚାୟତର ନୂଆପାଟଣା, ନୂଆଗାଁ, ମଝିଖଣ୍ଡ, କଙ୍କଡ଼ାହୁଡ଼ା, ବାଲିସାହି, କୋରକୋର, ମିଶ୍ରସାହି, କୁମ୍ଭରସାହି, ନୂଆସାହି ପ୍ରମୁଖ ଗ୍ରାମର ବହୁ ଗ୍ରାମବାସୀ ସାଧାରଣତଃ ଗୋ-ଚାଷ ଉପରେ ନିର୍ଭର କରିଥାନ୍ତି। ସେମାନେ ସେମାନଙ୍କର ଗୋ ଚିକିତ୍ସା ପାଇଁ ନିଆଳି ପ୍ରାଣୀଧନ ଚିକିତ୍ସାଳୟକୁ ନେବାକୁ ସମସ୍ୟା ଭୋଗିଥାନ୍ତି। ନୂଆଗାଁ ପଞ୍ଚାୟତରେ ଗୋ-ଚିକିତ୍ସା ଯୋଗାଇଦେବା ପାଇଁ ୨୦୧୨-୧୩ ଆର୍ଥିକ ବର୍ଷ ୪ଲକ୍ଷ ୨୫ ହଜାର ଅର୍ଥ ବ୍ୟୟରେ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ପ୍ରାଣୀଧନ ସହାୟକ କେନ୍ଦ୍ର ନିର୍ମାଣ କରାଯାଇଥିଲା। ପରେ ଏହାକୁ କାର୍ଯ୍ୟକ୍ଷମ ଉଦେଶ୍ୟ ରଖି ବିଧାୟକ ୨୦୧୩ ମାର୍ଚ୍ଚ ୬ ତାରିଖରେ ଏହି ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳର ବହୁ ଗୋ-ଚାଷୀ ଦାବି କରି ଆସୁଥିଲେ ମଧ୍ୟ ଅଦ୍ୟାବଧି ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ। ଘଟଣା ସମ୍ପର୍କରେ ନିଆଳି ଗୋଷ୍ଠି ପ୍ରାଣୀଧନ ଚିକିତ୍ସାଧିକାରୀ ମୃତ୍ୟୁଞ୍ଜୟ ବେହେରାଙ୍କୁ ପଚାରିବାରୁ ମୁଁ ଆସିବାର ବହୁ ପୂର୍ବରୁ ଉକ୍ତ କେନ୍ଦ୍ର ସେମିତି ପଡ଼ିରହିଛି। ଆବଶ୍ୟକେ ଡାକ୍ତର ନ ଥିବାରୁ ଉକ୍ତ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ସେ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୮ ● ପାଉଣ୍ଡ ୧୦୬.୧୨
- ୟୁରୋ ୮୯.୮୬ ● ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୩୪୦ (ନୂଆଦିଲ୍ଲୀ)
- ରୁପା : ୯୧,୬୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୭,୩୩୭.୦୦
- ନିଫ୍ଟି ୨୩,୫୨୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ଟାଟା ମୋଟର୍ସ ଗାଡ଼ି ହେବ ମହଙ୍ଗା

**ଜୁଲାଇ ପହିଲାରୁ ବଢ଼ିବ ମୂଲ୍ୟ**

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଦେଶର ବୃହତ୍ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ଗ୍ରାହକଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ଆଗାମୀ ଦିନରେ ଟାଟା ମୋଟର୍ସର ବାଣିଜ୍ୟକ ଯାନ ମହଙ୍ଗା ହେବାକୁ ଯାଉଛି। କମ୍ପାନୀ ଏହାର ବାଣିଜ୍ୟକ ଯାନ ମୂଲ୍ୟ ବୃଦ୍ଧି କରିବା ନେଇ ଘୋଷଣା କରିଛି। ଏହା ହେଲେ ଟାଟା ମୋଟର୍ସର ବାଣିଜ୍ୟକ ଯାନ ମୂଲ୍ୟ ପାଖାପାଖି ୨ ପ୍ରତିଶତ ମହଙ୍ଗା ହେବ। ନୂଆ ମୂଲ୍ୟ ଜୁଲା ମାସରୁ ଲାଗୁ ହେବାକୁ ଯାଉଛି। ଏ ସମ୍ପର୍କରେ ଟାଟା ମୋଟର୍ସ ପକ୍ଷରୁ କୁହାଯାଇଛି ଯେ, କମୋଡିଟି ମୂଲ୍ୟରେ ବୃଦ୍ଧି ଘଟିବା ଯୋଗୁଁ କମ୍ପାନୀ ଗାଡ଼ି ମୂଲ୍ୟ ବୃଦ୍ଧି କରିବାକୁ ଯାଉଛି। କମ୍ପାନୀର କହିବାନୁଯାୟୀ, ଟାଟା ମୋଟର୍ସ ଏହାର ସମସ୍ତ ଭାରିଆଣ୍ଟରେ ଏହି ମୂଲ୍ୟ ବୃଦ୍ଧି କରିବ, ତେବେ ମୂଲ୍ୟ ଭିନ୍ନ-ଭିନ୍ନ ରହିବ। ଟାଟା ମୋଟର୍ସ ଏକ ବିବୃତି ଜାରି କରି କହିଛି ଯେ, କମ୍ପାନୀ ନୂଆ ଉତ୍ପାଦ ଆଣିବା ଲାଗି ପ୍ରସ୍ତୁତି ଚଳାଇଛି। ଏହି ନୂଆ ଉତ୍ପାଦ ପରବର୍ତ୍ତୀ ପିଢ଼ିର ଗ୍ରାହକଙ୍କ ଆବଶ୍ୟକତାକୁ ନଜର ରଖି ଭାରତ, ବ୍ରିଟେନ, ଆମେରିକା, ଇଟାଲୀ ଏବଂ ସାଉଥ କୋରିଆରେ ଡିଜାଇନ କରାଯାଇଛି। ଏହି ସମସ୍ତ ଯାନ ଆଧୁନିକ ଟେକ୍ନୋଲୋଜିରୁ ପ୍ରସ୍ତୁତ। ରାଜସ୍ୱ ହିସାବରେ ଦେଶର ବଡ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ଗତ ଥର ତା'ର ବାଣିଜ୍ୟକ ଯାନ ମୂଲ୍ୟରେ ମାର୍ଚ୍ଚରେ ୨ ପ୍ରତିଶତ ବୃଦ୍ଧି କରିଥିଲା। ଟାଟା ମୋଟର୍ସର ରାଜସ୍ୱ ଆର୍ଥିକବର୍ଷ ୨୦୨୪ରେ ୫୨.୪୪ ବିଲିୟନ୍ ଡଲାର ରହିଛି ।

## ନୂଆ ବିଏମ୍‌ଡବ୍ଲ୍ୟୁ ଆର୧୩୦୦ ଜିଏସ୍‌ର ଶୁଭାରମ୍ଭ

ମୁମ୍ବଇ,୧୯।୬: ବିଏମ୍‌ଡ଼ବ୍ଲ୍ୟୁ ମୋଟୋରଡ ଇଣ୍ଡିଆ ପକ୍ଷରୁ ଭାରତରେ ନୂତନ ବିଏମଡ଼ବ୍ଲ୍ୟୁ ଆର୧୩୦୦ ଜିଏସର ଶୁଭାରମ୍ଭ କରାଯାଇଛି। ଏହି ଆଡଭେଞ୍ଚର ମୋଟରସାଇକେଲ ଏକ ସମ୍ପୂର୍ଣ୍ଣ ବିଲ୍ଟ-ଅପ୍ ୟୁନିଟ୍ ଭାବରେ ଉପଲବ୍ଧ ଏବଂ ୨୦୨୪ ଜୁନ ଶେଷରୁ ଡେଲିଭରି ଆରମ୍ଭ ହେବାକୁ ଯାଉଛି। ନୂତନ ବିଏମଡ଼ବ୍ଲ୍ୟୁ



ଆର୧୩୦୦ ଜିଏସର ପ୍ରାରମ୍ଭିକ ଏକ୍ସ-ଶୋ' ରୁମ୍ ମୂଲ୍ୟ ୨୦,୯୫,୦୦୦ ଟଙ୍କା ରହିଛି ଏବଂ ତିନୋଟି ବିକଳ୍ପ ଷ୍ଟାଇଲ ଯେପରିକି, ଷ୍ଟାଇଲ ଟ୍ରିପଲ୍ ବ୍ଲାକ୍, ଷ୍ଟାଇଲ୍ ଜିଏସ ଟ୍ରଫି ଏବଂ ୭୧୯ ଟ୍ରମୁନଟାନାରେ ଉପଲବ୍ଧ। ନୂତନ ବିଏମଡ଼ବ୍ଲ୍ୟୁ ଆର୧୩୦୦ ଜିଏସ। ବେସ ଲାଇଟ୍ ହ୍ୱାଇଟ୍ ମେଟାଲିକରେ, ବିକଳ୍ପ ଷ୍ଟାଇଲ୍ - ଟ୍ରିପଲ୍ ବ୍ଲାକ୍, ବ୍ଲାକ ଷ୍ଟର୍ମ ମେଟାଲିକ୍ ଫେଟୱାର୍କରେ ଉପଲବ୍ଧ, ଏଝ ଟ୍ରଫି ରେସିଂ ବ୍ଲୁ ମେଟାଲିକ୍ ଫେଟୱାର୍କ ରଙ୍ଗରେ ଉପଲବ୍ଧ ଏବଂ ୭୧୯ ଟ୍ରମୁନଟାନା ଅରେଲିୟସ ଗ୍ରୀନ ମେଟାଲିକ ପେଣ୍ଟୱାର୍କରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ବିକ୍ରମ ପାୱା କହିଛନ୍ତି, ବିଏମଡ଼ବ୍ଲ୍ୟୁ ମୋଟୋରାଡ ଆର ୮୦ଜି/ଏସ ସହିତ ୪ ଦଶନ୍ଧି ତଳେ ଟୁରିଂ ଇଣ୍ଡ୍ୟୁରସର ନୂଆ ସେଗମେଣ୍ଟ ପ୍ରତିଷ୍ଠା କରିଥିଲା। ନୂତନ ବିଏମଡ଼ବ୍ଲ୍ୟୁ ଆର୧୩୦୦ ଜିଏସ ସହିତ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଜିଏସକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛି।

## ଗୋଦରେଜ ଆପ୍ଲାଏନ୍‌ସେସ୍ ପକ୍ଷରୁ ଭିତ୍ତିଭୂମିର ସମ୍ପ୍ରସାରଣ



ଭୁବନେଶ୍ୱର,୧୯।୬: ଗୋଦରେଜ ଆପ୍ଲାଏନସେସ ପକ୍ଷରୁ ପୁଣେର ପିରାଙ୍ଗୁଟଠାରେ ଗବେଷଣା ଓ ବିକାଶ କେନ୍ଦ୍ର ସମ୍ପ୍ରସାରଣ କରାଯାଇଛି। ଗବେଷଣା ଓ ବିକାଶ କେନ୍ଦ୍ର ଆନେକ୍ସକୁ ଗୋଦରେଜ ଆଣ୍ଡ ବଏସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜମଶିଦ ଏନ୍ ଗୋଦରେଜ ଉଦଘାଟନ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣର ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନର ବିକାଶ ଏବଂ ପରୀକ୍ଷଣ କ୍ଷମତାକୁ ଦୁଇଗୁଣରୁ ଅଧିକ କରିବା, ଯାହା ଦ୍ୱାରା ଅଭିନବତା, ଗୁଣବତ୍ତା ଏବଂ ବୈଷୟିକ ଉନ୍ନତି ପାଇଁ କମ୍ପାନିର ପ୍ରତିବଦ୍ଧତାକୁ ଦୃଢ଼ କରାଯାଇପାରିବ। ୪୩,୦୦୦ ବର୍ଗଫୁଟର ଅତିରିକ୍ତ ନୂତନ କ୍ଷେତ୍ର ସହିତ ସମ୍ପ୍ରସାରିତ ଗବେଷଣା ଓ ବିକାଶ କେନ୍ଦ୍ର ବ୍ରାଣ୍ଡକୁ ଏହାର ଗବେଷଣା ଏବଂ ମାନବ ସମ୍ବଳ ଶକ୍ତିକୁ ଦ୍ୱିଗୁଣିତ କରିବାରେ ସକ୍ଷମ କରିବ। ଏନଏବିଏଲ୍ ମାନ୍ୟତାପ୍ରାପ୍ତ ଲ୍ୟାବ ଏବଂ ଉନ୍ନତ ଅତ୍ୟାଧୁନିକ ଭିତ୍ତିଭୂମି ଏକ ଅଧିକ ଦକ୍ଷ ଏବଂ ଦୃଢ଼ ଉତ୍ପାଦ ବିକାଶ ପ୍ରକ୍ରିୟାକୁ ସକ୍ଷମ କରୁଛି। କୋଠା ମଧ୍ୟ ସ୍ଥାୟୀ ଭାବରେ ଡିଜାଇନ୍ କରାଯାଇଛି। ଏହାର ପରିସରରେ ପ୍ରାକୃତିକ ଆଲୋକର ସର୍ବାଧିକ ବ୍ୟବହାର କରାଯାଇଛି ଯାହା ବିଦ୍ୟୁତ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି। ସହଯୋଗିତାକୁ ପ୍ରୋତ୍ସାହିତ କରିବା ଏବଂ ଜ୍ଞାନ ଆଦାନ ପ୍ରଦାନକୁ ସକ୍ଷମ କରିବା ପାଇଁ କାର୍ଯ୍ୟାଳୟ ସ୍ଥାନ ଡିଜାଇନ କରାଯାଇଛି।

**୨୨ରେ ଜିଏସ୍‌ଟି ପରିଷଦ ବୈଠକ**

# ଅନ୍‌ଲାଇନ୍ ଗେମିଂରେ ଟିକସ ଲାଗୁର ହେବ ସମୀକ୍ଷା

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଚଳିତମାସ ୨୨ ଅର୍ଥାତ୍ ଶନିବାର ବସିବାକୁ ଯାଉଛି ଦ୍ରବ୍ୟ ଏବଂ ସେବା ଟିକସ (ଜିଏସଟି) ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ। ନୂଆଦିଲ୍ଲୀରେ ବସିବାକୁ ଯାଉଥିବା ଜିଏସ୍‌ଟି ପରିଷଦର ଏହି ୫୩ ତମ ବୈଠକରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଧ୍ୟକ୍ଷତା କରିବେ। ଦୀର୍ଘ ୮ ମାସର ବ୍ୟବଧାନ ପରେ ପରିଷଦର ଏହି ବୈଠକ ବସିବାକୁ ଯାଉଛି। ଶେଷ ଥର ପାଇଁ ୨୦୨୩ ଅକ୍ଟୋବର ୭ରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷେ ଲୋକସଭା ନିର୍ବାଚନ ପରେ ଜିଏସ୍‌ଟି ପରିଷଦର ଏହା ପ୍ରଥମ ବୈଠକ। ଶନିବାର ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଜିଏସଟି ପରିଷଦ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବ। ଏଥିମଧ୍ୟରେ ଅନଲାଇନ୍ ଗେମିଂ ଉପରେ ଲାଗୁ କରାଯାଇଥିବା ଟିକସ ପ୍ରସଙ୍ଗ ମୁଖ୍ୟ ପ୍ରସଙ୍ଗ ହେବ।

ଚଳିତଥର ବୈଠକରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରକୁ ତର୍କସଙ୍ଗତ କରିବା ଉପରେ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍)ର ରିପୋର୍ଟର ଚୂଡ଼ାନ୍ତ ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ଜିଏସଟି ପରିଷଦ ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡିକ ପାଇଁ ଲଗାଯାଉଥିବା ଜୁଆର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଆଦାୟ କରିବାର ନିଷ୍ପତ୍ତିର ସମୀକ୍ଷା କରିପାରନ୍ତି। ଏହି ନିଷ୍ପତ୍ତି ୨୦୨୩ ଅକ୍ଟୋବର ପହିଠାରୁ କାର୍ଯ୍ୟକାରୀ ହୋଇଛି। ଜିଏସ୍‌ଟି ପରିଷଦ ଜୁଲାଇ ଏବଂ ଅଗଷ୍ଟରେ ହୋଇଥିବା ବୈଠକରେ ଅନଲାଇନ୍ ଗେମିଂ, କ୍ୟାସିନୋ ଏବଂ ଘୋଡା ଦୌଡ଼କୁ ଟିକସଯୋଗ୍ୟ ଦାବି ଭାବରେ ଅନ୍ତର୍ଭୁକ୍ତ କରିବାକୁ ଆଇନରେ ସଂଶୋଧନକୁ ଅନୁମୋଦନ ଦେଇଥିଲା। ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଲଗାଯାଉଥିବା ଜୁଆର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୮ ପ୍ରତିଶତ ଟିକସ ଆଦାୟ କରାଯିବ। ସେହି ସମୟରେ ଏହି ନୂଆ ଟିକସ ହାର କାର୍ଯ୍ୟକାରୀ କରାଯିବାର ୬ ମାସ ପରେ ସେହି ନିଷ୍ପତ୍ତିର ସମୀକ୍ଷା କରାଯିବ ବୋଲି କୁହାଯାଇଥିଲା।

ଆହୁରିମଧ୍ୟ ଜିଏସଟି ପରିଷଦ ବୈଠକରେ ସାର ଉପରୁ ଜିଏସ୍‌ଟି ହଟାଇବାକୁ ନିଷ୍ପତ୍ତି ନିଆଯାଇପାରେ। ସାର ଉପରୁ ଜିଏସ୍‌ଟି ଛାଡ କରିବାକୁ ଫିଟମେଣ୍ଟ କମିଟି ପ୍ରସ୍ତାବ ଦେଇଛି। ହାର ସଧାରଣତା ପାଇଁ କମିଟି ଗ୍ରୁପ୍ ଅଫ୍ ମନ୍ତ୍ରୀ (ଗୋଏମ୍) କୁ ସାର ପ୍ରସଙ୍ଗ ପଠାଇଛି। ଏହାବ୍ୟତୀତ, ସିଗାରେଟ୍ ଓ ବିଡି ଭଳି ତମାଖୁ ଉତ୍ପାଦଗୁଡ଼ିକର ଜିଏସ୍‌ଟି ସମ୍ବନ୍ଧରେ କିଛି ସ୍ପଷ୍ଟ ନିଷ୍ପତ୍ତି ମଧ୍ୟ ନିଆଯାଇପାରେ। ଜିଏସଟି ପରିଷଦ ବୈଠକରେ ସୌର କୁକର ଉପରେ ଜିଏସ୍‌ଟି ୧୮%ରୁ 5%କୁ ହ୍ରାସ କରାଯାଇପାରେ। ବିମାନ ଯନ୍ତ୍ରାଂଶ ଉପରେ ମଧ୍ୟ ଜିଏସ୍‌ଟି ୧୮%ରୁ ୫%କୁ ହ୍ରାସ ହୋଇପାରେ।





**ସାର ଉପରୁ ହଟିବ ଜିଏସ୍‌ଟି**

**ଫିଟମେଣ୍ଟ କମିଟି ଦେଇସାରିଛି ପରାମର୍ଶ**

**ଅସହ୍ୟ ତାତିରେ ଏସି ବିକ୍ରି ବଢୁଛି**

## ଚାହିଦା ପୂରଣ ପାଇଁ ବିଦେଶରୁ ଆମଦାନୀ ହେଉଛି ଯନ୍ତ୍ରାଂଶ



ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଭାରତରେ ଚଳିତ ବର୍ଷର କରା ତାତି ବହୁ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଏଥିଯୋଗୁ ଦେଶରେ ଏୟାର କଣ୍ଡିସନର (ଏସି)ର ଚାହିଦା କାହିଁ କେତେ ରହିଛି। ଏପରିକି ଦେଶରେ ବର୍ତ୍ତମାନ ଏସି ବିକ୍ରିରେ ନୂତନ ରେକର୍ଡ ପ୍ରତିଷ୍ଠା ହୋଇଛି। ଅତ୍ୟଧିକ ଗରମ ଯୋଗୁ ସମସ୍ତେ ଏସି କିଣିବାକୁ ବ୍ୟାକୁଳ ହୋଇଉଠିଛନ୍ତି। ଏଥିରେ ପରିସ୍ଥିତି ଏମତି ହୋଇଛି ଯେ, ଦେଶରେ ଥିବା ଏସି ଉତ୍ପାଦନକାରୀ କମ୍ପାନୀଗୁଡିକୁ ଏବେ ବିଦେଶରୁ ଏସି ଯନ୍ତ୍ରାଂଶ ଆମଦାନୀ କରିବାକୁ ପଡିଛି। କମ୍ପ୍ରେସର, କ୍ରସ୍ ଫ୍ଲୋ ଫ୍ୟାନ୍/ମୋଟର ଏବଂ ପିସିବି ସର୍କିଟ ପରି ଅତିରିକ୍ତ ଅଂଶକୁ କମ୍ପାନୀଗୁଡିକୁ ବିଦେଶରୁ ଆମଦାନୀ କରିବାକୁ ପଡିଥିବା ଜଣାପଡିଛି।

ଦେଶରେ ଏସି ଚାହିଦା ପୂରଣ କରିବା ପାଇଁ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ କମ୍ପାନୀଗୁଡିକ ଚୀନ୍, ତାଇୱାନ, ଥାଇଲ୍ୟାଣ୍ଡ, ମାଲେସିଆ ଏବଂ ଜାପାନ ପରି ବିଶ୍ୱ ଯୋଗାଣକାରୀଙ୍କଠାରୁ ଜରୁରୀକାଳୀନ ଭିତ୍ତିରେ ଅତିରିକ୍ତ ଯନ୍ତ୍ରାଂଶ ଆମଦାନୀ କରୁଛନ୍ତି। କେତେକ କମ୍ପାନୀ ତମ୍ବା ଏବଂ ଆଲୁମିନିୟମ ପରି ଧାତୁର ମୂଲ୍ୟ ଚାରି-ପାଞ୍ଚ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଏହି କାରଣରୁ ଗ୍ରାହକଙ୍କ ଉପରେ ମୂଲ୍ୟ ବୃଦ୍ଧିର ଭାର ହ୍ରାସ ପାଉଛି। କେତେକ କମ୍ପାନୀ କହିଛନ୍ତି ଯେ କେତେକ ସ୍ଥାନରେ ଗ୍ରାହକଙ୍କ ଘରେ ଏସି ସଂସ୍ଥାପନ କରିବାକୁ ଏକ ସପ୍ତାହ କିମ୍ବା ତା'ଠାରୁ ଅଧିକ ସମୟ ଲାଗୁଛି। ଏହାର କାରଣ ହେଉଛି, ଚାହିଦାରେ ବୃଦ୍ଧି ଯୋଗୁ ବର୍ତ୍ତମାନର ସର୍ଭିସ୍ ନେଟୱାର୍କ ନୂତନ ସଂଯୋଗ କିମ୍ବା ସେବା ଅନୁରୋଧ ପରିଚାଳନା କରିବାରେ ଅସମର୍ଥ। ଏ ସମ୍ପର୍କରେ ଡାଇକିନ୍ ଏୟାରକଣ୍ଡିଶନିଂ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କାନୱଲଜିତ୍ ଜାଭା କହିଛନ୍ତି ଯେ ଗତ ତିନି ମାସ ମଧ୍ୟରେ ଘରୋଇ ଏସି ଶିଳ୍ପରେ ବିକ୍ରିରେ ପ୍ରାୟ ୫୦ ପ୍ରତିଶତ ଅଭିବୃଦ୍ଧି ଘଟିଛି, ଯାହା ଆଶାଠାରୁ ବହୁତ ଅଧିକ। ଅପରପକ୍ଷେ ଏସି କମ୍ପାନୀଗୁଡିକ କହିଛନ୍ତି ଯେ ଘରୋଇ ଶିଳ୍ପରେ ସେହି ପ୍ରକାରର ଅତିରିକ୍ତ ଯନ୍ତ୍ରାଂଶର ସମର୍ଥନ ନାହିଁ। ବ୍ଲୁ ଷ୍ଟାରର ପରିଚାଳନା ନିର୍ଦ୍ଦେଶକ ବି ଥିଆରାଜନ କହିଛନ୍ତି ଯେ ଶିଳ୍ପ ୨୫-୩୦ ପ୍ରତିଶତ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ରହିଛି। ଯେଉଁଠି ଚାହିଦା ୭୦-୮୦ ପ୍ରତିଶତ ବୃଦ୍ଧି ହେଉଛି ସେଥିପାଇଁ କେହି କିଛି ଯୋଜନା କରିନାହାଁନ୍ତି।

## ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ବିରଳ ମାଇଲଖୁଣ୍ଟ ପ୍ରତିଷ୍ଠା

ଭୁବନେଶ୍ୱର,୧୯।୬(ସମିସ): ଭାରତରୁ ଆରଓପି ଅନ୍ଧତ୍ୱକୁ ଦୂର କରିବା ପାଇଁ କଗ୍ନିଜାଣ୍ଟ ଫାଉଣ୍ଡେସନ୍ ତାର "ସାଇଟ୍ ଫର୍ ଅଲ୍" (ଦୃଷ୍ଟି ସମସ୍ତଙ୍କ ପାଇଁ) ପ୍ରକଳ୍ପ ମାଧ୍ୟମରେ ଓ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନର ମିଳିତ ସହଯୋଗରେ ଅନେକ ସଫଳତା ହାସଲ କରିଛି। ଉଦାହରଣ ସ୍ୱରୂପ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରରେ ୧୩ଟି ଏବଂ ଓଡ଼ିଶାରେ ରୁ ୧୫ଟି ଜିଲ୍ଲାରୁ ବିଗତ ୫ ବର୍ଷରେ ୧୧,୫୦୦ ରୁ ଉର୍ଦ୍ଧ୍ୱ ପ୍ରିଟର୍ମ ଶିଶୁଙ୍କର ଆରଓପି ପରୀକ୍ଷା ଏବଂଓ ସମସ୍ତଙ୍କ ମଧ୍ୟରୁ ୧୨୭୦ ଜଣଙ୍କର ବିନା ମୂଲ୍ୟରେ ଚକ୍ଷୁ ଚିକିତ୍ସା ଏକ ବିରଳ କୃତିତ୍ୱ। ୨୦୧୯ ସେପ୍ଟେମ୍ବରରୁ ଓଡ଼ିଶାରେ ଏହି ପ୍ରକଳ୍ପରେ ୫୦୦୦ରୁ ଅଧିକ ପ୍ରି-ଟର୍ମ ଶିଶୁଙ୍କ ଆରଓପି ପରୀକ୍ଷା କରାଯାଇଛି, ଯେଉଁଥିରେ ୫୦୦ରୁ ଅଧିକ ପ୍ରି-ଟର୍ମ ଶିଶୁ ଲେଜର୍ ଇଞ୍ଜେକ୍ସନ କିମ୍ବା ଅସ୍ତ୍ରୋପଚାର ଆକାରରେ ଦ୍ୱାରା ସଫଳରେ ଚିକିତ୍ସିତ ହୋଇଛନ୍ତି। ଏହି ପ୍ରକଳ୍ପରେ ଓଡ଼ିଶାର ସରକାରୀ ଡାକ୍ତରଖାନାଗୁଡିକରେ ଆରଓପି ସେବାର ଉପଲବ୍ଧି କରିବା ପାଇଁ ଶିଶୁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନିରନ୍ତର ପ୍ରଶିକ୍ଷଣ ଦିଆଯାଇଆସୁଛି। ଭୁବନେଶ୍ୱରସ୍ଥିତ ଏଲଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନରୁ ରେଟିନା ବିଶେଷଜ୍ଞମାନେ ଅସୁସ୍ଥ ଶିଶୁମାନଙ୍କୁ ସେମାନଙ୍କ ଶଯ୍ୟା ପାଖରେ ଲେଜର୍ କିମ୍ବା ଇଞ୍ଜେକସନ୍ ମାଧ୍ୟମରେ ଚିକିତ୍ସା କରିଆସୁଛନ୍ତି। ରିଅଲ୍ ଟାଇମ୍ ଆରଓପି ଟେଲି-ସ୍କ୍ରିନିଂ (ଆରଆରଟି) ଏହି ପ୍ରକଳ୍ପର ଏକ ଅନନ୍ୟ ପଦକ୍ଷେପ। ଏଥିରେ ଆରଓପି ପ୍ରଶିକ୍ଷିତ ପାରାମେଡିକାଲ୍ କର୍ମଚାରୀମାନେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଏସଏନସିୟୁରେ ଥିବା ପ୍ରିଟର୍ମ ନବଜାତ ଶିଶୁମାନଙ୍କ ଚକ୍ଷୁ ଅନ୍ତପଟଳରେ (ରେଟିନା) ର ଫଟୋ ଉଠାଇଥାନ୍ତି।

## ଆମାଜନ ଫ୍ରେସ୍ ୧୩୦ରୁ ଅଧିକ ସହରରେ



ବେଙ୍ଗାଲୁରୁ,୧୯।୬: ଆମାଜନ ଇଣ୍ଡିଆ ଫଳ, ପନିପରିବା, ଅଣ୍ଡା ଉତ୍ପାଦ, ସୌନ୍ଦର୍ଯ୍ୟ, ଶିଶୁ,ବ୍ୟକ୍ତିଗତ ଯତ୍ନ ଏବଂ ଗୃହପାଳିତ ପଶୁ ଉତ୍ପାଦ ସମେତ ଓଦା ଏବଂ ଶୁଖିଲା ଗ୍ରୋସରୀ ସେବା ଆମାଜନ ଫ୍ରେସକୁ ୧୩୦ରୁ ଅଧିକ ସହରକୁ ସମ୍ପ୍ରସାରଣ କରିବାକୁ ଘୋଷଣା କରିଛି। ଅମ୍ବାଲା, ଔରଙ୍ଗାବାଦ, ହୋସିଆରପୁର, ଧାରୱାଡ, ଉନା, ସୁରି ଆଦି ୧୩୦ରୁ ଅଧିକ ସହରରେ ଥିବା ଗ୍ରାହକମାନେ ସେମାନଙ୍କର ସାପ୍ତାହିକ/ମାସିକ ବାସ୍କେଟ୍ ନିର୍ମାଣ କରିବା ସମୟରେ ଆମାଜନ ଫ୍ରେସ୍ ସେଲର ଏବଂ ବ୍ୟାଙ୍କ ଅଂଶୀଦାରଙ୍କଠାରୁ ଆକର୍ଷଣୀୟ ଡିଲ୍ ପାଇପାରିବେ। ଆମାଜନ୍ ଫ୍ରେସ୍ ଇନର ର ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀରାମ କହିଛନ୍ତି, ଆମାଜନ୍ ଫ୍ରେସ୍ ଭାରତରେ ଗ୍ରୋସରୀ ସପିଂକୁ ନୂଆ ରୂପ ଦେଉଛି। ଆମେ ଭାରତର ୧୩୦ ରୁ ଅଧିକ ସହରରେ ଆମର ଗ୍ରାହକଙ୍କ ଦ୍ୱାରରେ ତାଜା ଉତ୍ପାଦ ଏବଂ ଦୈନିକ ଅତ୍ୟାବଶ୍ୟକ ସାମଗ୍ରୀ ପହଂଚାଇ ଥାଉ। ଗୁଣାତ୍ମକ ଉତ୍ପାଦ ଉପରେ ଆମର ସମ୍ପ୍ରସାରଣ ଏବଂ ଫୋକସ୍ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କୁ ତାଜା ଉତ୍ପାଦ ଏବଂ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସର୍ବୋତମ ଅନଲାଇନ୍ ସପିଂ ଅଭିଜ୍ଞତା ପ୍ରଦାନ କରିବାକୁ ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଏହାବ୍ୟତୀତ ଗ୍ରାହକମାନେ କ୍ୟାସବ୍ୟାକ୍, ଅଫର ଏବଂ ବ୍ୟାଙ୍କ ରିହାତିର ଲାଭ ଉଠାଇପାରିବେ ।

**ସ୍କାମରଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ**

# ବନ୍ଦ ହେବ ୩୦ ହଜାର ମୋବାଇଲ୍ ନମ୍ବର

ନୂଆଦିଲ୍ଲୀ,୧୯।୬(ଏଜେନ୍ସି)

ସ୍କାମରଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ସରକାର। ଆଜିକାଲି ଅଧିକାଂଶ ସମୟରେ ବକେୟା ବିଲ୍‌କୁ ନେଇ ଘରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ନେଇ ମେସେଜ୍ ମାନ ସମସ୍ତଙ୍କ ପାଖକୁ ଆସୁଛି। ଏହାବ୍ୟତୀତ କେୱାଇଓ ସମ୍ପର୍କିତ ମେସେଜ୍ ପ୍ରାୟତଃ ଆସୁଛି। ଉଭୟ ନକଲି ମେସେଜ୍ ମାଧ୍ୟମରେ ଲୋକମାନଙ୍କୁ ସେମାନଙ୍କର ଫାଶରେ ପକାଇ ପ୍ରତାରଣା କରୁଛନ୍ତି ଠକ ବା ସ୍କାମରମାନେ। ଏଭଳି ଠକମାନଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କେନ୍ଦ୍ର ସରକାର ଦେଶର ୩୦ ହଜାରରୁ ଅଧିକ ମୋବାଇଲ୍ ନମ୍ବର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଏହି ନମ୍ବର ବ୍ୟବହାର କରାଯାଇଥିବା ମୋବାଇଲ୍ ଫୋନ୍‌ଗୁଡିକୁ ବ୍ଲକ୍ ବା ଅବରୋଧ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ସ୍କାମରମାନଙ୍କ ସହ ଜଡିତ ପ୍ରାୟ ୩୦ ହଜାର ନମ୍ବର ଏବଂ ୪୦୦ ମୋବାଇଲକୁ ଅବରୋଧ କରିବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଛି। ବାସ୍ତବରେ ଏହି ସମସ୍ତ ମୋବାଇଲ୍ ନମ୍ବର ମୋବାଇଲ୍ ସ୍କାମରେ ଜଡିତ ଥିଲା। ଏହି ନମ୍ବରରୁ ଲୋକଙ୍କୁ ନକଲି ମେସେଜ୍ ପଠାଯାଇଥିଲା ଏବଂ ପରେ ସେମାନଙ୍କୁ ପ୍ରତାରଣା କରାଯାଇଥିଲା। ଦୂରସଞ୍ଚାର ବିଭାଗର ଚକ୍ଷୁ ପୋର୍ଟାଲରେ ଆସିଥିବା ଅଭିଯୋଗ ଆଧାରରେ ଟେଲିକମ୍ ବିଭାଗ ଏହି ପଦକ୍ଷେପ ନେଇଛି। ଯଦି ଏପରି ବାର୍ତ୍ତା ପାଆନ୍ତି କେୱାଇସିର ଅନୁପାଳନ ହେତୁ ବିଦ୍ୟୁତ୍ ସଂଯୋଗ କଟାଯିବ ବୋଲି ଦାବି କରାଯାଇ ଆପଣଙ୍କ ନିକଟକୁ ମୋବାଇଲ ମେସେଜ୍ ଆସୁଥାଏ ତେବେ ଚକ୍ଷୁ ପୋର୍ଟାଲରେ ସେହି ନମ୍ବର ବିଷୟରେ ଅଭିଯୋଗ କରିବାକୁ ଟେଲିକମ୍ ବିଭାଗ ପରାମର୍ଶ ଦେଇଛି। ଏହା ବ୍ୟତୀତ, ଆପଣ ଏହି ସାଇଟ୍‌ରେ ଯେ କୌଣସି ସମ୍ଭାବ୍ୟ ଠକେଇ କିମ୍ବା ସ୍କାମ୍ ନମ୍ବର ସମ୍ପର୍କରେ ରିପୋର୍ଟ କରିପାରିବେ।



**ଜାଲ୍ ବିଦ୍ୟୁତ୍ ବିଲ୍, କେୱାଇସି ସ୍କାମ୍ ସହ ଜଡିତ**

**ବ୍ଲକ୍ ହେବ ମୋବାଇଲ୍ ଫୋନ୍**

## ୨୧ରୁ 'ନବମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା'





ଭୁବନେଶ୍ୱର,୧୯।୬(ସମିସ): ଚଳିତମାସ ୨୧ରୁ ଜନତା ମଇଦାନଠାରେ ଆରମ୍ଭ ହେବାକୁ ଯାଉଛି 'ନବମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪'। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ, ଏମ୍‌ଏସ୍‌ଏମ୍‌ଇ ଏବଂ ଟ୍ରାଇବ୍ସ ଇଣ୍ଡିଆ ସହଯୋଗରେ ଏହି ମେଳା ଆୟୋଜନ କରାଯାଉଛି। ଜୁଲାଇ ପହିଲା ଯାଏ ଏହି ମେଳା ଚାଲିବ। ଚଳିତଥର ଏଥିରେ ୨୦ଟି ରାଜ୍ୟ ଏବଂ ୧୨ଟି ଦେଶରୁ ଅଂଶଗ୍ରହଣକାରୀ ମାନେ ଯୋଗଦେଉଛନ୍ତି। ମେଳାରେ ହ୍ୟାଙ୍ଗର୍ ଷ୍ଟ୍ରକଚର ସହିତ ବିଭିନ୍ନ ବିଭାଗ ଯେପରିକି ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍, ଉତ୍ପାଦକ, ଡେଭଲପର, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା ଆଦି କ୍ଷେତ୍ରରୁ ଅଂଶଗ୍ରହଣକାରୀ ରହିବେ। ଆଉ ମଧ୍ୟ ଘର ଓ ଅଫିସ ସାଜସଜ୍ଜା, ଗୃହ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ ଏବଂ କ୍ରାଫ୍ଟ ସେରାମିକ୍ସ, ଇଲେକ୍ଟ୍ରିକାଲ୍, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ହର୍ବାଲ୍ ଆୟୁର୍ବେଦିକ, କ୍ଲିନିକ୍,ଡାକ୍ତରଖାନା, ଅଟୋମୋବାଇଲ୍, ନିର୍ମାଣ ଉପକରଣ, ଲାଇଫ ଷ୍ଟାଇଲ, ପ୍ରସାଧନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଯନ୍ତ୍ର, ପ୍ୟାକେଜିଂ ଯନ୍ତ୍ର ଆଦି ପ୍ରଦର୍ଶିତ ହେବ। ମେଳାରେ ଥାଇଲ୍ୟାଣ୍ଡ ଫୁଲ ଏବଂ ପୋଷାକ, ରାଜସ୍ଥାନୀ ମାର୍ବଲ୍ସ, ଆଫଗାନିସ୍ତାର ଡ୍ରାଏ ଫ୍ରୁଟ୍ସ, ବାଂଲାଦେଶ ଉତ୍ପାଦ ସହ ଭାରତୀୟ ହସ୍ତତନ୍ତ ଏବଂ ହ୍ୟାଣ୍ଡଲୁମ୍ ଉତ୍ପାଦ ଦେଖିବାକୁ ମିଳିବ ବୋଲି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜେମ୍ ଟିମ୍‌ର ଏମ୍‌ଡି ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତା ସୂଚନା ଦେଇଛନ୍ତି।

